ଧରିତ୍ରୀ
DHARITRI

March 10-16, 2019 ₹2/-

# ଛୁଟିଦିନ



# ବୀର ଯବାନ

ଯେତେବେଳେ ଦେଶ ମାଟିର ସୁରକ୍ଷାର କଥା ଆସେ ବୀର ଯବାନମାନେ ନିଜ ଜୀବନ ବଦଳରେ କେମିତି ଦେଶକୁ ଶତ୍ରୁଠାରୁ ସୁରକ୍ଷିତ ରଖିପାରିବେ, ସେଇ ଗୋଟିଏ କଥା ହିଁ ଭାବିଥାନ୍ତି, କେମିତି ଶତ୍ରୁକୁ ନିପାତ କରି ଦେଶ ପାଇଁ ଆଣିବେ ବିଜୟର ଟୀକା ....

୪ ପ୍ରଚ୍ଛଦ ପ୍ରସଙ୍ଗ



୮/୯ ସିନେମା



୧୩ ସହରଠୁ ଦୂର

# ସର୍ବବୃହତ୍ ଉଲ୍ କଣ୍ଟା



**ଶୀ**ତଋତୁରେ ଗରମ ପୋଷାକର ଚାହିଦା କାହିଁରେ କ'ଣ ରହିଥାଏ। ତେବେ ପୁରୁଣା ଦିନରେ ଆମ ଆଈ ଜେଜେମା'ମାନେ ଉଲ୍ କଣ୍ଟା ସାହାଯ୍ୟରେ ସ୍ୱେଟର, ମଫ୍‌ଲର୍ ବୁଣୁଥିବାର ଆମେ ଦେଖିଛେ। କିନ୍ତୁ ରେକର୍ଡ କରିବା ଆଶା ନେଇ ୟୁକେର ଏଲିଜାବେଥ୍ ବଣ୍ଡ ନାମକ ଜଣେ କଳା ଛାତ୍ରୀ ପ୍ରସ୍ତୁତ କରିଛନ୍ତି ସର୍ବବୃହତ ଉଲ କଣ୍ଟା। ୟୁକେର ୱିଲ୍ଟସାଏର କଲେଜରେ ଆର୍ଟ ଏଣ୍ଡ ଡିଜାଇନ ବିଷୟରେ ଅଧ୍ୟୟନ କରୁଥିବା ଏଲିଜାବେଥ୍ ନିଜ ପ୍ରୋଜେକ୍ଟ ସକାଶେ ପ୍ରସ୍ତୁତ କରିଥିଲେ ୪.୪୨ ମିଟର ଲମ୍ବ ଏବଂ ୯.୦୧ ସେଣ୍ଟିମିଟର ଗୋଲାର୍ଦ୍ଧ ବିଶିଷ୍ଟ ଦୁଇଟି ଉଲ୍ କଣ୍ଟା, ଯାହା ସ୍ଥାନ ପାଇଥିଲା ଗିନିଜ୍ ୱାର୍ଲ୍ଡ ରେକର୍ଡରେ।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ
ପ୍ରସନ୍ନ କୁମାର ମହାପାତ୍ର

ମାର୍ଚ୍ଚ ୧୦-୧୬, ୨୦୧୯

### ମେଷ
ଦୈହିକ ସୁସ୍ଥତା। କାମରେ ସଫଳତା ପାଇବେ। ମିତ୍ରତା ସୃଷ୍ଟି କରିବେ। ମୂଲ୍ୟବାନ୍ ଦ୍ରବ୍ୟ ଲାଭ। ବନ୍ଧୁଙ୍କ ସକାଶେ ଟେନ୍‌ସନ। ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା। ଗୃହସୀମାକୁ ନେଇ ବିବାଦ। ରାଜନୀତିରେ ଦ୍ୱନ୍ଦ୍ୱ। ଶିକ୍ଷା, ପରୀକ୍ଷାରେ ସନ୍ତୋଷ।

### ବୃଷ
ସମସ୍ୟାର ସମାଧାନ। ନୂତନ କର୍ମାରମ୍ଭ। ରୁଗ୍‌ଣ ସ୍ୱାସ୍ଥ୍ୟରେ ଉନ୍ନତି। ଆନୁଷ୍ଠାନିକ କ୍ଷେତ୍ରରୁ ପ୍ରଶଂସା। ମାନସିକ ଆଘାତ। ବ୍ୟସ୍ତତା ବୃଦ୍ଧି ପାଇବ। ଅର୍ଥ ସଙ୍କଟ। ମିଥ୍ୟାଭିଯୋଗ ଆସିପାରେ। ସାମ୍ବାଦିକତାରୁ ଗୌରବ।

### ମିଥୁନ
ଦୂରଯାତ୍ରା ପାଇଁ ପ୍ରସ୍ତୁତି। ସମ୍ପର୍କୀୟଙ୍କ ଅନୁରାଗ। ଗୃହରେ କଳହ। ବନ୍ଧୁ କ୍ଷୁବ୍ଧ ହେବେ। ଶାରୀରିକ ଅସୁସ୍ଥି। ମାନସିକ ଅସ୍ଥିରତା। ପଡ଼ୋଶୀଙ୍କ ସହଯୋଗ। କଳାପ୍ରିୟ ହେବେ। ଉଚ୍ଚଶିକ୍ଷା ପାଇଁ ଆଲୋଚନା।

### କର୍କଟ
କାର୍ଯ୍ୟଦକ୍ଷତାରୁ ପ୍ରଶଂସା। ସରକାରୀ ସହାୟତା। ରାଜକୀୟ ସମ୍ମାନ। ପାରିବାରିକ ଶାନ୍ତି। ମାନସିକ ସ୍ଥିରତା। ନୂତନ ସମ୍ପର୍କ ସୃଷ୍ଟି। ପରୋକ୍ଷ ଶତ୍ରୁତାରୁ ଦୁଶ୍ଚିନ୍ତା। କାର୍ଯ୍ୟାରମ୍ଭରୁ ପ୍ରତିରୋଧ। ତୀର୍ଥାଟନ ଚିନ୍ତା କରିବେ।

### ସିଂହ
ଶୁଭ ଖବର ପାଇବେ। ଅତିଥି ଚର୍ଚ୍ଚାରୁ ଆନନ୍ଦ। ଅର୍ଥ ଲାଭ ଅବଶ୍ୟମ୍ଭାବୀ। ପାରିବାରିକ ତିକ୍ତତା ବୃଦ୍ଧି। ଶାରୀରିକ ଅସୁସ୍ଥତା। ଯାତ୍ରା ସ୍ଥଗିତ ରହିବ। ମାଲିମକଦ୍ଦମାରେ ସଫଳତା। ରାଜନୈତିକ ସାଫଲ୍ୟ।

### କନ୍ୟା
ଲେଖାପଢ଼ାରେ ଉନ୍ନତି। ଜନପ୍ରିୟତା ବୃଦ୍ଧି। ବ୍ୟୟବୃଦ୍ଧିରୁ ଦୁଶ୍ଚିନ୍ତା। ଗୃହରେ ଶୁଭକାର୍ଯ୍ୟ। ପ୍ରାପ୍ୟ ପ୍ରାପ୍ତିରେ ବିଳମ୍ବ। ବାଣିଜ୍ୟରେ ପ୍ରତିବନ୍ଧକ। ଦୂରଯାତ୍ରାର ଆବଶ୍ୟକତା। ଶ୍ରମଜନିତ କ୍ଳାନ୍ତିବୋଧ। ସ୍ୱାସ୍ଥ୍ୟକୁ ଜଗି ଚଳନ୍ତୁ।

### ତୁଳା
କାର୍ଯ୍ୟ ସିଦ୍ଧି ଘଟିବ। ମାନସିକ ସ୍ଥିତି ବଦଳିବ। ବ୍ୟବସାୟରେ ସଫଳତା। ଲୋକ ସମ୍ପର୍କ ବୃଦ୍ଧି। ଫଳପ୍ରଦ ଆଲୋଚନା। ସଭାସମିତିରେ ବିତର୍କ। ବନ୍ଧୁଙ୍କ ଅସହଯୋଗ। ମକଦ୍ଦମାରୁ ଦୁଶ୍ଚିନ୍ତା। ମାଙ୍ଗଳିକ କାର୍ଯ୍ୟରେ ସମସ୍ୟା।

### ବିଛା
କର୍ମଜଞ୍ଜାଳ ବୃଦ୍ଧି। ବନ୍ଧୁଙ୍କ ସହ କଳହ। ସୁଯୋଗ ହାତଛଡ଼ା ହେବ। ପରିସ୍ଥିତିକୁ ସମ୍ଭାଳି ନେବେ। ଆମୋଦ ପ୍ରମୋଦର ମଉକା। ପଦମର୍ଯ୍ୟାଦା ବୃଦ୍ଧି। ଯାତ୍ରାରେ ସଫଳତା। ଯୁକ୍ତିତର୍କରୁ କାର୍ଯ୍ୟହାନି। ଆର୍ଥିକ ଅଭିବୃଦ୍ଧି ଘଟିବ। ଗବେଷଣାରେ ଅଗ୍ରଗତି।

### ଧନୁ
ଯୋଜନାବଦ୍ଧ କାମ। ଭ୍ରମଣ ଓ କାର୍ଯ୍ୟସିଦ୍ଧି। ପାରିବାରିକ ସମର୍ଥନ। ମନୋରଞ୍ଜନ କାର୍ଯ୍ୟକ୍ରମ। ସ୍ତ୍ରୀଙ୍କ ଅଭିଯୋଗ ଆସିବ। ଯାନ୍ତ୍ରିକ ଜିନିଷ କ୍ରୟ। ମାଲିକାନା ବିବାଦ। ଭବିଷ୍ୟନିଧିରୁ ଅର୍ଥ ସଂଗ୍ରହ।


### ମକର
ଆର୍ଥିକ ଅବନତି। ଅସ୍ଥାବର ସମ୍ପତ୍ତି ବିକ୍ରି। କର୍ମଚାପ ବଢ଼ିବ। ଭାବପ୍ରବଣତାରେ ଆଘାତ। କଲ୍ୟାଣ କର୍ମରେ ସମ୍ପୃକ୍ତି। ଉଦ୍ୟମରେ ସିଦ୍ଧିଲାଭ। ସମ୍ପର୍କ ବ୍ୟାହତ ହେବ। ବିଳାସ ଉପକରଣ ପ୍ରାପ୍ତି। କାରବାରରେ ଶିଥିଳତା। ସ୍ଥାନାନ୍ତର ଚିନ୍ତା।

### କୁମ୍ଭ
ନକାରାତ୍ମକ ଚିନ୍ତାଧାରା। ବୃଥା ଭ୍ରମଣ। ଅଧସ୍ତନଙ୍କ ଅପପ୍ରଚାର। କ୍ରୀଡ଼ା,ସଙ୍ଗୀତରୁ ସମ୍ମାନ। ସମ୍ପର୍କୀୟମାନଙ୍କ ସହଯୋଗ। ପରିବହନରେ ଝଗଡ଼ା। ପରୋକ୍ଷ ଶତ୍ରୁତା। ଯୌଥ ବ୍ୟବସାୟରୁ କଳହ। ଗୃହ ପରିବର୍ତ୍ତନର ଚିନ୍ତା। ଆୟ ସଙ୍କୁଚିତ ହେବ।

### ମୀନ
ସ୍ୱଜନଙ୍କ ସ୍ୱାସ୍ଥ୍ୟ ଚିନ୍ତା। ବିପଦ ଟଳିଯିବ। ଅପ୍ରିୟ ସତ୍ୟରୁ ବିତର୍କ। କାର୍ଯ୍ୟସିଦ୍ଧିରୁ ଆତ୍ମତୃପ୍ତି। ଟେନ୍‌ସନ୍ କମିଯିବ। ବନ୍ଧୁ ସାଲିସ୍ କରିବେ। ସାଙ୍ଗଠନିକ ସଫଳତା। ପ୍ରତିଯୋଗିତାରେ ସଫଳତା। ପାରିବାରିକ ସୌଖ୍ୟ। ବିବାଦର ସମାଧାନ।

# ସ୍ୱପ୍ନ ଦେଖିବା ପରେ....

**ଦୈନନ୍ଦିନ ଜୀବନରେ ଊଣା ଅଧିକ ପ୍ରାୟେ ସମସ୍ତେ ସ୍ୱପ୍ନ ଦେଖିଥାନ୍ତି। ଆମେ ଦେଖୁଥିବା ସ୍ୱପ୍ନ ଆସନ୍ତା ଭବିଷ୍ୟତରେ ଘଟିବାକୁ ଯାଉଥିବା ଘଟଣାର ସଙ୍କେତ ବହନ କରେ ବୋଲି ବିଶ୍ୱାସ ରହିଛି। ତେବେ ସ୍ୱପ୍ନ ଦେଖିଲା ପରେ କ'ଣ କରିବା ଉଚିତ ଏବଂ କ'ଣ ନୁହେଁ ସେ ସମ୍ପର୍କରେ....**





- ଭଲ ସ୍ୱପ୍ନ ଦେଖିବା ପରେ ଏ ସମ୍ପର୍କରେ କାହା ସହ ଆଲୋଚନା କରନ୍ତୁ ନାହିଁ।
- ଭଲ ସ୍ୱପ୍ନ ଦେଖିବା ପରେ ସକାଳୁ ଉଠି ସର୍ବପ୍ରଥମେ ନିଜ ହାତ ପାପୁଲି ଦେଖନ୍ତୁ ଏବଂ ଗଣେଶ ବନ୍ଦନା ବା ମନ୍ତ୍ର ଜପ କରନ୍ତୁ।
- ଯଦି କୌଣସି ଖରାପ ସ୍ୱପ୍ନ ଦେଖନ୍ତି ତେବେ ଯଥାଶୀଘ୍ର ଅନ୍ୟମାନଙ୍କୁ କହିଦିଅନ୍ତୁ।
- ଖରାପ ସ୍ୱପ୍ନ ଦେଖିବା ପରେ ସ୍ନାନ ସାରି ଭଗବାନ ଶିବଙ୍କୁ ଧ୍ୟାନ କରିବା ସହ ତୁଳସୀ ଚଉଁରାରେ ପାଣି ଅର୍ପଣ କରିଲେ ଦୁଃସ୍ୱପ୍ନ ଫଳପ୍ରଦ ହୋଇ ନ ଥାଏ ବୋଲି ବିଶ୍ୱାସ ରହିଛି।

# ପାଠକୀୟ

ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଭିନ୍ନ ଭିନ୍ନ ପ୍ରକାରର ପାରମ୍ପରିକ କଣ୍ଢେଇ ଦେଖିବାକୁ ମିଳିଥାଏ, ଯାହା କେବଳ ଦେଖିବାକୁ ସୁନ୍ଦର ହୋଇ ନ ଥାଏ ବରଂ ଲୋକଙ୍କ ରୋଜଗାରର ମାଧ୍ୟମ ବି ହୋଇଥାଏ। ତେଣୁ ଓଡ଼ିଶାର କଣ୍ଢେଇ କଳାକୁ ନେଇ ଉପସ୍ଥାପନା ହୋଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗଟି ଏକ ପ୍ରେରଣାଦାୟୀ ବିଷୟ ଥିଲା। 'ରହସ୍ତୁ ଗସିପ୍‌ଠୁ ଦୂରେଇ' ଏବଂ 'ଅର୍କିଡ୍ ମଞ୍ଜିରେ କାରିଗରି' ଆଦି ପାଠ ଦୁଇଟି ବି ବେଶ୍ ଆଶ୍ଚର୍ଯ୍ୟକର ଥିଲା।

***-ସତ୍ୟପ୍ରିୟ ମହାନ୍ତି, ନାଉଗାଁ, ଜଗତ୍‌ସିଂହପୁର***

ପ୍ରଚ୍ଛଦ ପ୍ରସଙ୍ଗ 'ଓଡ଼ିଶାର କଣ୍ଢେଇ କଳା'ଏକ ପ୍ରେରଣାଦାୟୀ ତଥା ସମୟୋପଯୋଗୀ ଆଲେଖ୍ୟ ଥିଲା। ଏଥିରୁ ରୋଜଗାରର ବିଭିନ୍ନ ମାଧ୍ୟମ ସମ୍ପର୍କରେ ଜାଣିହେଲା। 'କପଲ୍ ଟାଟୁ' ପାଠଟିରୁ ଏକ ନୂଆ ଟାଟୁ ଫ୍ୟାଶନ ସମ୍ପର୍କରେ ଜାଣି ଖୁସି ଲାଗିଲା। ବ୍ୟକ୍ତିତ୍ୱ ପୃଷ୍ଠାରୁ ବ୍ରିଟିଶ କବି ଜନ୍ ଡନ୍‌ଙ୍କ ବ୍ୟକ୍ତିଗତ ଜୀବନୀ ସମ୍ପର୍କରେ ବହୁତ ଅଜଣା କଥା ଜାଣିବାକୁ ମିଳିଲା। ସେହିପରି ସୃଜନ ପୃଷ୍ଠାରେ ସ୍ଥାନିତ 'ଡୋମେଷ୍ଟିକ୍ ଭାଓଲେନ୍ସ' ନାମକ ଗପଟି ବେଶ୍ ହୃଦୟସ୍ପର୍ଶୀ ହୋଇପାରିଥିଲା।

***-ହଂସିକା ସାହୁ, ଝାରପଡ଼ା, ଭୁବନେଶ୍ୱର***

ସିନେମା ପାଠ ପଢ଼ିବାକୁ ମୋତେ ବହୁତ ଭଲ ଲାଗେ। ଏଥର ପ୍ରକାଶିତ 'ସାରାଙ୍କ ଲଭ୍ ଗୁରୁ କରୀନା' ଏବଂ 'କାହାକୁ ଡରନ୍ତି ଟାଇଗର' ଆଦି ପାଠ ଦୁଇଟିକୁ ଖୁବ୍ ସୁନ୍ଦର ଭାବେ ଉପସ୍ଥାପନା କରାଯାଇଥିଲା। ସାଥୀର ଉତ୍ତରଗୁଡ଼ିକ ମନ କିଣି ନେଉଛି। ସେହିପରି ପ୍ରଥମ ରୋଜଗାର ସ୍ତମ୍ଭରେ ପ୍ରକାଶ ପାଉଥିବା ବିଶିଷ୍ଟ ବ୍ୟକ୍ତିମାନଙ୍କ ରୋଜଗାର ସମ୍ପର୍କିତ ଅନୁଭୂତି ବେଶ୍ ହୃଦୟସ୍ପର୍ଶୀ ହୋଇପାରୁଛି।

***-ପ୍ରତାପ ବରାଳ, ଝାରସୁଗୁଡ଼ା***

'ତବଲା ତାଳରେ ବନ୍ଧା ଜୀବନ' ପାଠଟିରୁ ବିଶିଷ୍ଟ ତବଲା ବାଦକ ବାସୁଦେବ ସ୍ୱାଇଁଙ୍କ ଜୀବନୀ ସମ୍ପର୍କରେ ଅନେକ ନୂଆ କଥା ଜାଣିବାକୁ ମିଳିଲା। ସେହିପରି 'ତୈଳ ସ୍ନାନ ଚିକିତ୍ସା' ପାଠଟି ବି ଏକ ନିଆରା ପାଠ ଥିଲା। ମଡେଲ୍ ମିରର୍‌ରେ ଚନ୍ଦନ ବେଶ୍ ହ୍ୟାଣ୍ଡସମ୍ ଲାଗୁଥିଲେ। ଅନ୍ୟପକ୍ଷେ ସହର ପୃଷ୍ଠାରେ ସ୍ଥାନିତ 'ପହ୍ନାଲା ଦୁର୍ଗ' ପାଠଟିରୁ ବି ଭ୍ରମଣ ଜନିତ ଅନେକ ତଥ୍ୟ ମିଳିଲା।

***-ରାକେଶ ମହାନ୍ତି, କନ୍ଧମାଳ***

ବିବିଧା ପୃଷ୍ଠାରେ ସ୍ଥାନିତ 'ଶିଶୁଙ୍କୁ ଅଣ୍ଡା ମାଲିସ୍' ଏବଂ ବ୍ୟାକ୍‌ପେଜ୍‌ରେ ସ୍ଥାନିତ 'ପେଟ୍‌ଙ୍କ ପାଇଁ ଟାୟାର ବେଡ୍' ଓ 'କେଶ ନ ଧୋଇ କେଶବତୀ' ଆଦି ପାଠଗୁଡ଼ିକ ବେଶ୍ ଆଶ୍ଚର୍ଯ୍ୟକର ଥିଲା। ସେହିପରି ଯାତ୍ରା ପୃଷ୍ଠାରୁ 'ଅଜୁ-ଆପୁଙ୍କ ଲଭ୍‌ଷ୍ଟୋରି' ବିଷୟରେ ପଢିଲି, ମନକୁ ବେଶ୍ ଛୁଇଁଗଲା ତାଙ୍କର ପ୍ରେମକାହାଣୀ।

***-ତପସ୍ୱିନୀ ମୁଦୁଲି, ରାୟଗଡ଼ା***

## ବିଶେଷ ଚିଠି




ଛୁଟିଦିନ ଧରିତ୍ରୀ ସବୁଠୁ ସୁନ୍ଦର ପ୍ରଚ୍ଛଦପଟ ଏହାର ଅତି ମନୋହର ସାଥୀ ପୃଷ୍ଠାର ମନଲାଖି ଉତ୍ତର ବ୍ୟାକ୍‌ପେଜ୍‌ରେ ଥାଏ ଅଜଣା ଖବର, ସୃଜନ ପୃଷ୍ଠାର ଗଳ୍ପ ଓ କବିତା ତା'ସହ ବ୍ୟକ୍ତିତ୍ୱ, ପର୍ଯ୍ୟଟନ ପୃଷ୍ଠା ଛୁଟିଦିନକୁ କରିଛି ଜ୍ଞାନବିଜ୍ଞାନର ଗନ୍ତାଘର।

***-ବିନୋଦ ବିହାରୀ ବେହେରା, ନୂଆସାହି, ଗୋଶାଳା ରୋଡ୍, ନୂଆବଜାର, କଟକ***

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Sri Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା
ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com

# ଦାମୀ ଫୁଲ



ସାଫ୍ରନ୍ କ୍ରକ୍ସ

**ଫୁଲ ତ ଅନେକ ଦେଖିଥିବେ ଆଉ କିଣିଥିବେ ହେଲେ ଏଠାରେ ଯେଉଁ ଫୁଲଗୁଡ଼ିକ ବିଷୟରେ କୁହାଯାଉଛି, ତାହାକୁ କିଣିବା ଟିକେ କଷ୍ଟକର। କାରଣ ସେଗୁଡିକର ଦାମ୍ ସାଧାରଣ ଫୁଲ ଦାମ୍‌ଠାରୁ ଢେରଗୁଣା ଅଧିକ। ସେଥିପାଇଁ ତ ଏଗୁଡ଼ିକୁ ଦାମୀ ଫୁଲ ତାଲିକାରେ ସାମିଲ କରାଯାଇଛି...**

**କଦୁପୁଲ ଫ୍ଲାୱାର୍:** ଏହା ଏକ ଦୁର୍ଲଭ ଫୁଲ। ଖୁବ୍ କମ୍ ସମୟ ପାଇଁ କେବଳ ରାତିରେ ହିଁ ଏହା ଫୁଟେ। କିନ୍ତୁ ଯେତିକି ସମୟ ପାଇଁ ଫୁଟେ, ଏହାର ବାସ୍ନାରେ ଚାରିଆଡ ମହକିଯାଏ। ତେଣୁ ଏହି ଫୁଲର ମୂଲ୍ୟ ସମ୍ପର୍କରେ କିଛି ବି ଠିକ୍ କହି ହୁଏ ନାହିଁ। ଏହାକୁ ଏକ ଅମୂଲ୍ୟ ଫୁଲ ଭାବେ ଗଣନା କରାଯାଇଥାଏ।

**ଜୁଲିଏଟ୍ ରୋଜ୍:** ଏହାକୁ ଦୁନିଆର ସବୁଠୁ ସୁନ୍ଦର ଗୋଲାପ ଫୁଲ ବୋଲି କୁହାଯାଏ। ୨୦୦୬ରେ ଲଣ୍ଡନରେ ଅନୁଷ୍ଠିତ ହୋଇଥିବା ଚେଲ୍‌ସି ଫ୍ଲାୱାର୍ ଶୋ'ରେ ସର୍ବପ୍ରଥମେ ଏହି ଫୁଲର ପ୍ରଦର୍ଶନୀ ହୋଇଥିଲା। ଯେଉଁଠାରେ ଏହି ଫୁଲର ଏକ ବୁକେର ଦାମ୍ ରଖାଯାଇଥିଲା ପ୍ରାୟ ୧୫.୮ ମିଲିୟନ୍ ଡଲାର୍।

**ଶେନଜେନ୍ ନଙ୍ଗକେ ଅର୍କିଡ୍:** ଅର୍କିଡ୍ ପ୍ରଜାତିର ଏହି ଦୁର୍ଲଭ ଫୁଲକୁ ଚାଷ କରିବା ଏତେ ସହଜସାଧ୍ୟ ନ ଥିଲା। ଏଥିପାଇଁ ଏକ ଏଗ୍ରିକଲଚର୍ ରିସର୍ଚ୍ଚ ଅର୍ଗାନାଇଜେଶନକୁ ପ୍ରାୟ ୫ ବର୍ଷ ପରିଶ୍ରମ କରିବାକୁ ପଡିଥିଲା। ତେଣୁ ଏହା ଯେବେ ନିଲାମ ହେଲା, ଏହାର ବଜାର ମୂଲ୍ୟ ଥିଲା ପ୍ରାୟ ୨୦୦,୦୦୦ ଡଲାର।

**ଗୋଲ୍ଡ ଅଫ୍ କିନାବାଲୁ ଅର୍କିଡ୍:** ଏହି ଅର୍କିଡ୍ ମୁଖ୍ୟତଃ ମାଲେସିଆସ୍ଥିତ କିନାବାଲୁ ନ୍ୟାଶନାଲ ପାର୍କରେ ଦେଖିବାକୁ ମିଳିଥାଏ। ସେଥିପାଇଁ ଏହାର ଗୋଟିଏ ଫୁଲ ପ୍ରାୟ ଛଅ ହଜାର ଡଲାରରେ ବିକ୍ରି ହେଉଥିବା ସୂଚନା ରହିଛି।

**ସାଫ୍ରନ୍ କ୍ରକ୍ସ:** ଏହି ଫୁଲରୁ ସାଫ୍ରନ୍ ବା କେଶର ମିଳିଥାଏ। ହେଲେ ଖୁବ୍ କମ୍ ପରିମାଣର କେଶର ପାଇବା ପାଇଁ ହଜାର ହଜାର ସଂଖ୍ୟାରେ ଏହି ଫୁଲର ଆବଶ୍ୟକତା ପଡିଥାଏ, ଯାହାକି ଖୁବ୍ ବ୍ୟୟବହୁଳ। ତା'ଛଡ଼ା ଏହି ଫୁଲର ମୂଲ୍ୟ ଓଜନ ଅନୁସାରେ ନିରୂପଣ ହୁଏ। କୁହାଯାଏ, ଗୋଟେ ପାଉଣ୍ଡ ଓଜନର ଏହି ଫୁଲକୁ କୁଆଡେ ହଜାରେରୁ ଊର୍ଦ୍ଧ୍ୱ ଡଲାରରେ ବିକ୍ରି କରାଯାଏ।

**ଟ୍ୟୁଲିପ୍ ବଲ୍‌ବ:** ମୁଖ୍ୟତଃ ଏହା ନିଜର ରୂପ, ରଙ୍ଗ ଓ ଦୁର୍ଲଭତା ପାଇଁ ସମ୍ଭ୍ରାନ୍ତଶ୍ରେଣୀ ଲୋକମାନଙ୍କର ଷ୍ଟାଟସ୍ ସିମ୍ବଲ ଭାବେ ସବୁବେଳେ ପରିଗଣିତ ହୋଇଆସିଛି। ଏପରି କି ସପ୍ତଦଶ ଶତାବ୍ଦୀରେ ଏହି ଫୁଲର ଏକ ବୁକେର ମୂଲ୍ୟ ପ୍ରାୟ ୫,୭୦୦ ଡଲାର ଥିଲା। ଏହିଥିରୁ ଅନୁମାନ କରିହୁଏ ଯେ, ଏହା କେତେ ଦାମୀ ଫୁଲ।

**ଗ୍ଲୋରିଓସା:** ଏହି ଫୁଲର ମଧ୍ୟ ବିଭିନ୍ନ ରଙ୍ଗ ରହିଛି। ଯେମିତିକି ହଳଦିଆ/ କମଳା/ ଗାଢ ନାଲି କିମ୍ବା ହଳଦିଆ-ସବୁଜ ମିଶ୍ରିତ ରଙ୍ଗ। ତେବେ ଯେ କୌଣସି ରଙ୍ଗରେ ହେଉନା କାହିଁକି ଏହାର ଗୋଟିଏ ଫୁଲର ମୂଲ୍ୟ ପାଖାପାଖି ୬ରୁ ୧୦ ଡଲାର୍ ଭିତରେ ରହୁଥିବା ଅନୁମାନ କରାଯାଏ।

**ହାଇଡ୍ରାଞ୍ଜିଆ:** ଏହି ଫୁଲ ପେଣ୍ଡା ପେଣ୍ଡା ହୋଇ ଫୁଟେ। ଏହାର ବିଭିନ୍ନ ରଙ୍ଗ ମଧ୍ୟ ରହିଛି। ମୁଖ୍ୟତଃ ବାହାଘର, ପାର୍ଟି ଫଙ୍କଶନ୍‌ରେ ଘର ସାଜସଜ୍ଜା ପାଇଁ ଏହାକୁ ବ୍ୟବହାର କରାଯାଇଥାଏ। ଏହାର ଗୋଟିଏ ପେଣ୍ଡାର ମୂଲ୍ୟ ପ୍ରାୟ ୬.୫ ଡଲାର ରହୁଥିବା ସୂଚନା ରହିଛି।

**ଲିଲି ଅଫ୍ ଦ ଭ୍ୟାଲି:** ଏହା ଏକପ୍ରକାର ସୁଗନ୍ଧିତ ପୁଷ୍ପ। ସୂଚନାନୁଯାୟୀ, ବସନ୍ତ ଋତୁରେ ଏହି ଫୁଲ ମାତ୍ର କିଛି ସପ୍ତାହ ପାଇଁ ହିଁ ଫୁଟିଥାଏ। ତେଣୁ ଏହାର ମୂଲ୍ୟ ଟିକେ ଅଧିକ ଥାଏ। ଏହି ଫୁଲର ଗୋଟିଏ ବଣ୍ଡଲ୍ ପ୍ରାୟ ୧୫ରୁ ୫୦ ଡଲାର୍ ଭିତରେ ବିକ୍ରି ହେଉଥିବା ଅନୁମାନ କରାଯାଏ।

**ଲିସିଆନ୍ଥସ୍:** ଏହା ବି ଏକ ଦାମୀ ଫୁଲ ଭାବେ ଜଣାଯାଏ। ଏହାର ମଧ୍ୟ ବିଭିନ୍ନ ରଙ୍ଗ ରହିଛି। ସୂଚନାନୁଯାୟୀ, ଏହି ଫୁଲର ଗୋଟିଏ ବଣ୍ଡଲ୍ ପ୍ରାୟ ୧୦ରୁ ୩୫ ଡଲାର୍ ମଧ୍ୟରେ ବିକ୍ରି ହୋଇଥାଏ।



ଶେନଜେନ୍ ନଙ୍ଗକେ ଅର୍କିଡ୍



ହାଇଡ୍ରାଞ୍ଜିଆ



ଲିଲି ଅଫ୍ ଦ ଭ୍ୟାଲି



ଟ୍ୟୁଲିପ୍ ବଲ୍‌ବ



କଦୁପୁଲ ଫ୍ଲାୱାର୍



ଜୁଲିଏଟ୍ ରୋଜ୍



ଲିସିଆନ୍ଥସ୍



ଗ୍ଲୋରିଓସା



ଗୋଲ୍ଡ ଅଫ୍ କିନାବାଲୁ ଅର୍କିଡ୍

# ବୀର ଯବାନ

**ଯେତେବେଳେ ଦେଶ ମାଟିର ସୁରକ୍ଷାର କଥା ଆସେ ବୀର ଯବାନମାନେ ନିଜ ଜୀବନ ବଦଳରେ କେମିତି ଦେଶକୁ ଶତ୍ରୁଠାରୁ ସୁରକ୍ଷିତ ରଖିପାରିବେ, ସେଇ ଗୋଟିଏ କଥା ହିଁ ଭାବିଥାନ୍ତି, କେବଳ ଶତ୍ରୁକୁ ନିପାତ କରିବୁ...**



ଯୁଦ୍ଧ କେବେ ବି କାହାର କାମ୍ୟ ନୁହେଁ। ସେ ସାଧାରଣ ନାଗରିକ ହୁଅନ୍ତୁ କି ଯୋଦ୍ଧା । ଯୁଦ୍ଧର ବିଭୀଷିକା ସମ୍ପର୍କରେ ଅବଗତଥିବା କେହି ବି କେବେ ଚାହିଁବେନି ଯେ ଯୁଦ୍ଧ ହେଉ। କିନ୍ତୁ ଯେତେବେଳେ ଦେଶ ମାଟିର ସୁରକ୍ଷାର କଥା ଆସେ ବୀର ଯବାନମାନେ ନିଜ ଜୀବନ ବଦଳରେ କେମିତି ଦେଶକୁ ଶତ୍ରୁଠାରୁ ସୁରକ୍ଷିତ ରଖିପାରିବେ, ସେଥିପାଇଁ ଗୋଟିଏ କଥା ହିଁ ଭାବିଥାନ୍ତି। ଦେଶ ଆଗରେ ନିଜକଥା, ନିଜ ପରିବାର କଥା କିଛି ବି ଗୁରୁତ୍ୱ ରଖି ନ ଥାଏ। କେବଳ ଗୋଟିଏ କଥା ଶତ୍ରୁକୁ ନିପାତ କରିବୁ। ସେମିତି ଆମର କେତେଜଣ ଭାରତୀୟ ବୀର ଯବାନ ଯିଏ ନିଜ ଜୀବନଙ୍କୁ ବାଜିଲଗାଇ ଦେଶମାତୃକାର ସୁରକ୍ଷାପାଇଁ ପ୍ରାଣେପଣେ ଲଢ଼େଇ କରିଛନ୍ତି। ଶତ୍ରୁକୁ ନିପାତକରି ଦେଶପାଇଁ ଆଣିଥାନ୍ତି ବୀଜୟର ଟିକା।

**ଅନ୍ଧାରରାତିର ଗୁଳିବର୍ଷଣ ଆଲୋକିତ କରୁଥିଲା:** ଶତ୍ରୁପକ୍ଷ ସେନାଙ୍କ ଆକ୍ରମଣର କଡ଼ା ଜବାବ ଦେବାକୁ ପ୍ରତିମୁହୂର୍ତ୍ତ ସତର୍କ ରହିଥାଉ । କେତେବେଳେ ଏୟାର ଆଟାକ୍‌ରେ ଗୋଳାବାରୁଦ ପଡ଼େ ତ ପୁଣି ଗନ୍ ଏରିଆ ଉପରକୁ ରକେଟ୍ ଓ ଅନ୍ୟ ଗୋଳାବାରୁଦ ଚାରିଆଡ଼େ ବିଛେଇ ହୋଇପଡ଼େ। ଫର୍‌ୱାର୍ଡ ଅପରେଶନ ବେଳେ ଅଳ୍ପ ଦୂରରୁ ଶତ୍ରୁପକ୍ଷ ସେନାଙ୍କ ସହ ସମ୍ମୁଖୀନ ହେବାକୁ ପଡ଼େ। ପୁଣି ଶତ୍ରୁମାନେ ପାଣି ଓ ଖାଦ୍ୟରେ ବିଷ ବି ପ୍ରୟୋଗ କରିବା ଆଶଙ୍କା ରହିଥାଏ। ଯୁଦ୍ଧବେଳେ ଏମିତି ଅନେକ ସଙ୍ଗିନ ପରିସ୍ଥିତିର ସମ୍ମୁଖୀନ ହେଉଥିବା ଯବାନମାନେ କେବଳ ମାତୃଭୂମିର ସୁରକ୍ଷା କଥା ଚିନ୍ତାକରିଥାନ୍ତି ବୋଲି କୁହନ୍ତି ଅବସରପ୍ରାପ୍ତ ଯବାନ ସୀମାଞ୍ଚଳ ପଟ୍ଟନାୟକ। ଘର ଗଞ୍ଜାମ ଜିଲାର ଛତ୍ରପୁର ଷ୍ଟେଶନରୋଡ୍, ଗୌତମନଗର ସେକେଣ୍ଡ ଲେନ୍‌ରେ । ସେ କୁହନ୍ତି, ୧୯୮୮ମସିହାରେ ପ୍ରଥମେ ମୋର ମଧ୍ୟପ୍ରଦେଶରେ ସୈନ୍ୟ ବିଭାଗର ଏକ ଟ୍ରେନିଂ ସେଣ୍ଟରରେ ନିଯୁକ୍ତି ହେଲା। ସୈନ୍ୟବାହିନୀରେ ସିପାହି ଭାବେ କାର୍ଯ୍ୟକରୁଥିବାବେଳେ ଜମ୍ମୁ-କଶ୍ମୀର, ଶ୍ରୀନଗର, ପୁଞ୍ଚ୍, ରାଜୌରି ଆଦି ଅଞ୍ଚଳରେ ଉଗ୍ରପନ୍ଥୀମାନଙ୍କ ଦମନ ପାଇଁ ଲଢ଼େଇ ହୋଇଥିଲା। ଟିଡି ସେକ୍ଟରରେ ପ୍ରାୟ ୩ବର୍ଷ ଥିବା ବେଳେ ସେଠାରେ ବି ଉଗ୍ରପନ୍ଥୀମାନଙ୍କ ସହ ଫାୟାରିଂ ହୋଇଥିଲା। ପଞ୍ଜାବର ଅମୃତସର, ଖାସ୍, ୱାଘାବର୍ଡର ଅଞ୍ଚଳରେ ସଜାଗ ରହିଥିଲୁ। ଗୁଲ୍‌ମାର୍ଗରେ ଥିଲୁ, ସେତେବେଳେ ଖବର ଆସିଲା କାର୍‌ଗିଲ ଯୁଦ୍ଧ ହେଲା। ବୁଲେଟ୍ ପ୍ରୁଫ୍ ଗାଡ଼ି ନେଇ ରାତିରେ ରୁଟ୍ ନ ଥିବା ରାସ୍ତାରେ ଯାଉଥାଉ। ଶତ୍ରୁପକ୍ଷ ପାହାଡ଼ ଉପରୁ ଗୁଳିବର୍ଷଣ କରୁଥିଲେ, ଆମେ ପାହାଡ଼ର ତଳଭାଗରୁ ଶତ୍ରୁର ଗତିବିଧିକୁ ଲକ୍ଷ୍ୟ ରଖି ଯାଉଥାଉ। ଏମିତିରେ ବି ଅନେକ ଫାୟାରିଂ ହୋଇଛି। ମାତ୍ର ମୋର ଦୁର୍ଘଟଣାରେ କିଛି କ୍ଷତି ହୋଇ ନ ଥିଲା। ଅନ୍ଧାର ରାତିରେ ଦୁର୍ଗମ ପାହାଡ଼ ଉପରକୁ ଚଢ଼ିବାକୁ ପଡ଼ିଛି । ମନରେ ଅଦମ୍ୟ ସାହସ ଓ ଉତ୍ସାହ ନେଇ ମାତୃଭୂମିର ସୁରକ୍ଷା ପାଇଁ ଲଢ଼େଇ କରିଛୁ। ଆମ ୟୁନିଟ୍‌ରେ ଥିବା ଶ୍ରୀନିବାସ ପାତ୍ର, ସଚ୍ଚିଦାନନ୍ଦ ମଲ୍ଲିକ, ମୁକେଶ ଆନନ୍ଦଙ୍କ ସମେତ ଆଉ କେତେଜଣ ବୀର ଯବାନ ଶହୀଦ ହେଲେ। ପ୍ରାୟ ୫୦ଜଣ ଆହତ ହୋଇଥିଲେ। ଶହୀଦ ଯବାନଙ୍କ ତ୍ୟାଗ ଓ ବଳିଦାନ ସବୁବେଳେ ମୋର ମନେରହିବ।

**କେବଳ ବିଜୟର କଥା ମନରେ ଥାଏ :** ବିବାହର ମାତ୍ର ୨ମାସ। ପ୍ରଥମେ ଘରକଥା ମନେପଡୁଥିଲା। କିନ୍ତୁ ବୀର ସୈନିକମାନଙ୍କ ସହ କାର୍‌ଗିଲ ସେକ୍ଟରରେ ଥିଲାବେଳେ କେବଳ ବିଜୟର କଥା ମନରେ ଥାଏ। ସୈନିକ ଜୀବନର ପ୍ରତି ପାଦେପାଦେ ବିପଦ ରହିଥାଏ। ତଥାପି ମନ ଭିତରେ ଶତ୍ରୁ ସହ ଲଢ଼ିବାର ଅଦମ୍ୟ ଉତ୍ସାହ ଥାଏ। ଆମେ ତ ଚିନ୍ତାକରୁ ପ୍ରଥମେ ନିଜକୁ ବଞ୍ଚାଇ କିପରି ଶତ୍ରୁକୁ ନିପାତକରିବୁ। ଏମିତି ଅନୁଭୂତି ସମ୍ପର୍କରେ କୁହନ୍ତି, ଗଞ୍ଜାମ ଜିଲା ବ୍ରହ୍ମପୁର ଶିଳ୍ପାଞ୍ଚଳର ଅବସରପ୍ରାପ୍ତ ସୈନିକ ପ୍ରସନ୍ନ ଚୌଧୁରୀ। ପିତା ଅର୍ଜୁନ ଚୌଧୁରୀ, ମା କାଞ୍ଚନ ଚୌଧୁରୀ। ସେ କୁହନ୍ତି, ‘‘ଯୁକ୍ତଦୁଇ ପଢୁଥିବାବେଳେ ୧୯୯୧ମସିହା ଫେବୃୟାରୀ ୨୫ରେ କଶ୍ମୀରରେ ସୈନିକଭାବେ ଯୋଗଦେଲି। ପରେ ଅମୃତସର, ହାଇଦ୍ରାବାଦ ଓ କାର୍‌ଗିଲରେ କାର୍ଯ୍ୟ କଲି।୧୯୯୯ମସିହା କଥା। ଶୁଣିଲୁ ଯେ, ପାକିସ୍ତାନ ଆକ୍ରମଣ ପାଇଁ ଉଦ୍ୟମ କରୁଛି। ସେନାମାର୍ଗରେ ରାତିରେ ରହିଲୁ। ତା’ପରେ ସଙ୍ଗେସଙ୍ଗେ ପୋଜିସନ ନେଲୁ। ଯୁଦ୍ଧବେଳେ ଡେଲ୍‌ଟା କମ୍ପାନୀ ଲିଡିଂ ସେକ୍ସନରେ ରହୁଥିଲୁ। ସେଠାରେ ୪ଦିନ ମଧ୍ୟରେ ଠିକ୍‌ସେ ଖିଆପିଆ ହୋଇ ନ ଥିଲା। ଶତ୍ରୁସେନାମାନେ ପାଣିରେ ବି ବିଷ ପକାଇ ଦେଇଥାନ୍ତି। ମାତ୍ର ଯେତେବେଳେ ଯୁଦ୍ଧରେ ଆମେ ମସ୍କୋ ସେକ୍ଟର ବିଜୟକରି ଅକ୍ତିଆରକଲୁ ତା’ ପରେ ଯାଇ ଖିଆପିଆ ହେଲା। ଶତ୍ରୁ ପରାଜୟ ସ୍ୱୀକାର କରି ଫେରିଗଲା ବେଳେ ବାଟରେ ମାଇନ୍ସ ବିଛାଇଥାନ୍ତି। ସେଥିରେ ଆମର କେତେଜଣ ସୈନିକ ଶହୀଦ ହୋଇଥିଲେ। ଯୁଦ୍ଧରେ ସଚ୍ଚିଦାନନ୍ଦ ମଲ୍ଲିକ ଓ ଶ୍ରୀନିବାସ ପାତ୍ର ଶହୀଦ ହୋଇଥିଲେ। ୨୫ଜଣ ଆହତ ହେଲେ। ମୋର ବାମ ଆଖିରେ ବାରୁଦ ପଡ଼ିବାରୁ ମୁଁ ଅସୁସ୍ଥ ହୋଇପଡ଼ିଲି। ସେହିବର୍ଷ ଜୁଲାଇ ୪ରେ ଟାଇଗର ହିଲ୍‌ରେ ଆକ୍ରମଣ ହେଲା। ସେଠାରେ ୫ଜଣ ଶହୀଦ ହୋଇଥିଲେ। ପ୍ରାୟ ୪ହଜାର ୭୭୫ଫୁଟ ପାହାଡ଼ରେ କାର୍ଯ୍ୟ କରିଥିଲି। ଏମିତି ଯୁଦ୍ଧବେଳର ଭୟଙ୍କର ଗୋଳାବାରୁଦରେ ଦେଶପାଇଁ ଲଢ଼େଇ କରିବା ଅନୁଭୂତି ସତରେ ଲୋମହର୍ଷଣକାରୀ। ଯୁଦ୍ଧର ୩ମାସ ପରେ ଘରକୁ ଫେରିଥିଲି। ଘରେ ମତେ ଦେଖି କାନ୍ଦି ପକାଇଥିଲେ। ୨୦୦୭ମସିହା ଫେବୃୟାରୀରୁ ଅବସର ନେଇଛି।

**ଯୁଦ୍ଧ ସମୟରେ ପରିବାର କଥା ମନେପଡ଼େନି:** ରିଟାୟାର୍ଡ ଅନରାରି କ୍ୟାପ୍‌ଟେନ ଶଶିଭୂଷଣ ସେଠୀ। ଘର ସମ୍ବଲପୁର, ବାମରା, ଗୋବିନ୍ଦପୁରରେ। ସମ୍ବଲପୁର ଜିଏମ୍ କଲେଜରେ ଗ୍ରାଜୁଏସନ ପରେ ୧୯୬୪ ମସିହା ନଭେମ୍ବର ୧୨ ତାରିଖରେ ଭାରତୀୟ ସେନାବାହିନୀରେ ଏଜୁକେଶନ ଇନ୍‌ଷ୍ଟ୍ରକ୍ଟର ଭାବେ ଯୋଗ ଦିଅନ୍ତି। ଏହା ହେଉଛି ହାବିଲଦାର କ୍ୟାଡରର। ପ୍ରଥମ ଥର ଯୁଦ୍ଧରେ ସାମିଲ ହୁଅନ୍ତି ୧୯୬୫ ମସିହାରେ। ସେତେବେଳେ ପୂର୍ବ ପାକିସ୍ତାନ ଓ ପଶ୍ଚିମ ପାକିସ୍ତାନ ଥିଲା। ଶଶିଭୂଷଣ ପୂର୍ବ ପାକିସ୍ତାନ ଓ ପଶ୍ଚିମବଙ୍ଗ ସୀମାରେ ବର୍ଡରରେ ଜଗି ରହିଥାନ୍ତି। ଯୁଦ୍ଧ ମୁଭ୍‌ମେଣ୍ଟ ସବୁ ରାତିରେ ହୋଇଥାଏ। ଗୁଳି ବିନିମୟ ଚାଲିଥାଏ। ନୋ ମେନ୍ସଲ୍ୟାଣ୍ଡ ଏରିଆରେ ମାଇନ୍ସ ଖଞ୍ଜାଯାଇଥାଏ। ଯୁଦ୍ଧ ଘୋଷଣା ହେବାର କିଛିଦିନ ଆଗରୁ ବି ଯୁଦ୍ଧ ପରିସ୍ଥିତି କଥା ଜଣାପଡ଼ିଯାଇଥାଏ। ସବୁବେଳେ

→





ସାଥୀ ସୈନିକମାନଙ୍କ ସହ ଶଶିଭୂଷଣ ସେଠୀ

ୟୁନିଫର୍ମରେ ରହିବାକୁ ହୋଇଥାଏ । ରାତି ଅନ୍ଧାରରେ ଚାଲି ଚାଲି କମ୍ ଘୁଷୁଡ଼ି ଘୁଷୁଡ଼ି ହୋଇ ଯିବାକୁ ହିଁ ହୋଇଥାଏ । ଗାଡ଼ିରେ ଗଲେ ବି ଲାଇଟ୍ ଲଗାଯାଏନି । ଫାୟାରିଂ ସମୟରେ ଦୀପାବଳିଠାରୁ ବି କାହିଁ କେତେଗୁଣ ଅଧିକ ଶବ୍ଦ ହୁଏ । ଏହି ଯୁଦ୍ଧରେ ୬ ଦିନ ଶତ୍ରୁପକ୍ଷ ସହ ଲଢ଼ିଛି । ଏହା ପରେ ଦ୍ୱିତୀୟ ଥର ୧୯୭୧ ମସିହା ଯୁଦ୍ଧରେ ବି ସାମିଲ ହୋଇଥିଲି । ଡିସେମ୍ବର ୩ ତାରିଖ ଦିନ ଯୁଦ୍ଧ ଘୋଷଣା ହେଲା । ତା’ ପୂର୍ବରୁ ଆମେ ଯୁଦ୍ଧ ପରିସ୍ଥିତି ବିଷୟରେ ଅବଗତ ଥିଲୁ । ଏଥର ବି ପ୍ରଥମେ ପୂର୍ବ ପାକିସ୍ତାନ ଓ ପଶ୍ଚିମବଙ୍ଗ ବର୍ଡରରେ ଥିଲି । ୫ /୬ ଦିନ ରହିବା ପରେ ପଶ୍ଚିମ ପାକିସ୍ତାନ ପଞ୍ଜାବ ବର୍ଡରରେ ୧୦ ତାରିଖରେ ପହଞ୍ଚିଲି । ୧୪ ଦିନ ଯୁଦ୍ଧ ହୋଇଥିଲା । ଅପରେଶନ ସମୟରେ ଅନବରତ ଫାୟାରିଂ ଚାଲିଥାଏ । ଦିନ ନାହିଁ ରାତି ନାହିଁ ସେମିତି ସଜାଗ ରହିଥାଉ । ଖାଇବା ପିଇବାର ଚିନ୍ତା ଆମର ନ ଥାଏ । କେବଳ ଭାବୁଥାଉ କେମିତି ଯୁଦ୍ଧ ସରଞ୍ଜାମ ଆମ ପାଖରେ ଠିକ୍ ସମୟରେ ପହଞ୍ଚିପାରିବ । ଯୋଗାଯୋଗର ତ ଏତେ ସୁବିଧା ନ ଥାଏ । ଆମେ ଘର ସହିତ କୌଣସି ପ୍ରକାର ଯୋଗାଯୋଗରେ ନ ଥାଉ । ଆର୍ମି ହେଡ୍ କ୍ୱାର୍ଟରରୁ ଘର ସହ ଯୋଗାଯୋଗ ହୁଏ । ମୋ ପରିବାର ସେତେବେଳେ ରାଞ୍ଚିରେ ଥାଆନ୍ତି । ଯୁଦ୍ଧ ବେଳେ ଘରକଥା ବି କିଛି ମନେପଡ଼େନି । ଗୋଟିଏ କଥା କେମିତି ଶତ୍ରୁଠାରୁ ନିଜକୁ ସୁରକ୍ଷିତ ରଖିବୁ ଆଉ ଶତ୍ରୁକୁ ମାରିବୁ । ୧୪ ଦିନ ପରେ ଯୁଦ୍ଧବିରତି ଘୋଷଣା ହେଲା । ୩୨ ବର୍ଷ ସେନାବାହିନୀରେ କାର୍ଯ୍ୟ କରିବା ପରେ ଅନରାରି କ୍ୟାପ୍ଟେନ ଭାବରେ ଅବସର ନେଇଛି । ଏହାବାଦ୍ ସିଆଚେନ, ସିକିମ୍‌ରେ ଥିବା ନାଥୁଲା ବର୍ଡର ଓ ଲଦାଖ ଆଦି ଅଞ୍ଚଳରେ ମାଇନସ୍ ୨୦° ସେଣ୍ଟିଗ୍ରେଡ୍‌ରେ ଡ୍ୟୁଟି କରିଛି । ସକାଳକୁ ଚାରିଆଡ଼ ବରଫରେ ପୋତି ହୋଇଯାଇଥାଏ, ବଙ୍କର ଉପରେ ବି ବରଫ ଛାଉଣି ହୋଇଯାଇଥାଏ । ସେଇ ବଙ୍କର ଭିତରେ ଥାଉ ଆମେ । ଏଠାରେ ଅମ୍ଳଜାନ ବି କମ୍ । ସେହି ବରଫ ଭିତରେ ବି ଆମେ ସୀମା ସୁରକ୍ଷା ପାଇଁ ସଜାଗ ଥାଉ । ଏସବୁ ଅନୁଭୂତି ଏବେ ବି ଭୁଲି ହୁଏନି । ଏବେ ଯେଉଁମାନେ ଦେଶ ସୁରକ୍ଷା ଦାୟିତ୍ୱରେ ଅଛନ୍ତି ତାଙ୍କୁ କେବଳ ଏତିକି କହିବା କଥା ଯେ, ନିଜର ପାରୁ ପର୍ଯ୍ୟନ୍ତ ଜୀବନର ଶେଷ ସମୟ ଯାଏଁ କିପରି ଶତ୍ରୁ କବଳରୁ ଦେଶକୁ ରକ୍ଷା କରିବେ । ଅବସର ପରେ କ୍ୟାପ୍ଟେନ୍ ଶଶିଭୂଷଣ ସେଠୀ ଏବେ ସମାଜସେବାରେ ନିଜକୁ ନିୟୋଜିତ କରିଛନ୍ତି ।



ଶଶିଭୂଷଣ ସେଠୀ



ସୀମାଞ୍ଚଳ ପଟ୍ଟନାୟକ



ପ୍ରସନ୍ନ ଚୌଧୁରୀ



ସୁଶାନ୍ତ କୁମାର ପାତ୍ର

**ସନ୍ତ୍ରାସବାଦୀଙ୍କ ଆତଙ୍କକାଣ୍ଡର ସମ୍ମୁଖୀନ ହୋଇଛୁ :** ମାତୃଭୂମିର ସୁରକ୍ଷା ପାଇଁ ବୀର ଯବାନମାନେ ନିଜକୁ ବାଜି ଲଗାଇଥାନ୍ତି । ଦେଶର ସୀମାରେଖା ହେଉ କି ଭିତର ରାଜ୍ୟ । ଦେଶର ବିଭିନ୍ନ ସ୍ଥାନରେ ଅନେକ ସମୟରେ ଶତ୍ରୁପକ୍ଷଙ୍କ ଦ୍ୱାରା ଆତଙ୍କବାଦୀ, ସନ୍ତ୍ରାସବାଦୀ ଓ ଉଗ୍ରପନ୍ଥୀମାନେ ବଡ଼ ବଡ଼ ଅଘଟଣା ଘଟାଇଥାନ୍ତି, ଯେଉଁଥିରେ କି ଦେଶର ଜାତୀୟ ସମ୍ପତ୍ତି ଓ ଜନଜୀବନର କ୍ଷୟକ୍ଷତି ଘଟିଥାଏ । ଏହାଦ୍ୱାରା ଆତଙ୍କବାଦର ଭୟ ସୃଷ୍ଟି ହୋଇଥାଏ । ଏପରି କାଣ୍ଡ ଘଟାଉଥିବା ଶତ୍ରୁର ମୁକାବିଲା ପାଇଁ ବୀର ଯବାନମାନେ ସର୍ବଦା ଏହାର ସମ୍ମୁଖୀନ ହୋଇଥାନ୍ତି । ଏମିତି କି ଜମ୍ମୁ-କଶ୍ମୀରର କାପଡ଼ା ଅଞ୍ଚଳରେ ସଜାଗଥିବା କେତେଜଣ ଭାରତୀୟ ଯବାନ ଆତଙ୍କବାଦୀଙ୍କ ସମ୍ମୁଖୀନ ହୋଇ ସେମାନଙ୍କୁ ନିପାତ କରିଥିଲେ । ସେମାନଙ୍କ ମଧ୍ୟରେ ଥିଲେ ଯବାନ ସୁଶାନ୍ତ କୁମାର ପାତ୍ର । ଘର ଭଦ୍ରକ ଜିଲାର ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ଖଡ଼ିସିଙ୍ଗା ଗାଁରେ । ଯୁକ୍ତଦୁଇ ଶିକ୍ଷା ପରେ ପ୍ରଥମେ ସେ ୧୯୯୯ ଜୁଲାଇରେ ନିଯୁକ୍ତି ପାଆନ୍ତି ସୈନ୍ୟ ବିଭାଗରେ । ମଧ୍ୟପ୍ରଦେଶର ଏକ ସୈନ୍ୟ ବିଭାଗ ରେଜିମେଣ୍ଟରେ ସେ ତାଲିମ ନିଅନ୍ତି । ତା’ ପରେ ସେ ଜମ୍ମୁ-କଶ୍ମୀର, ଆସାମ, ରାଜସ୍ଥାନ, ହାଇଦ୍ରାବାଦ, ଭାରତ-ଚାଇନା ବର୍ଡର, ଲେ-ଲଦାଖ ଆଦି ଅଞ୍ଚଳରେ ଯବାନ ଭାବେ କାର୍ଯ୍ୟ କରିଛନ୍ତି । ସେ କୁହନ୍ତି, କାର୍‌ଗିଲ ଯୁଦ୍ଧ ଚାଲିଥାଏ । ଆମେ ପ୍ରସ୍ତୁତିହୋଇ ରହିଥାଉ । ମାତ୍ର ଯେତେବେଳେ ଯୁଦ୍ଧକୁ ଯିବାର ହେଲା ସେହି ସମୟରେ ହଠାତ୍ ଯୁଦ୍ଧ ସରିଗଲା । କିନ୍ତୁ ଜମ୍ମୁ-କଶ୍ମୀରରେ ଥିବାବେଳେ ଅଧିକାଂଶ ସମୟ ଆତଙ୍କବାଦୀଙ୍କୁ ସମ୍ମୁଖୀନ ହେବାକୁ ପଡୁଥିଲା । ସେମାନଙ୍କ ସହିତ ଗୁଳି ବିନିମୟ ହୁଏ । ଆତଙ୍କବାଦୀ କାର୍ଯ୍ୟକୁ ନିପାତକରିବା ପାଇଁ ଯବାନମାନେ ପ୍ରସ୍ତୁତ ରହିଥାନ୍ତି ।୨୦୦୧ ମସିହାର କଥା । ଶୀତଦିନେ ଜମ୍ମୁ-କଶ୍ମୀର ଅଧିକାଂଶ ଅଞ୍ଚଳ ବରଫପାତ ହୋଇଥାଏ । ଏହି ଅଞ୍ଚଳର ଗୁଣ୍ଡୁଚିପୁତ୍ର ଗାଁରେ ସକାଳୁ ସକାଳୁ ସେନା ପକ୍ଷରୁ ସର୍ଚ୍ଚ ଅପରେଶନ ହୋଇଥିଲା । ସ୍ଥାନୀୟ ବାସିନ୍ଦା ସହଯୋଗ କରିଥିଲେ । ସେଦିନ ଜଣଙ୍କ ଘରର ଶିଡ଼ି ତଳେ ଏକ କାଠବକ୍ସର ଘର କରି ଦୁଇଜଣ ସନ୍ତ୍ରାସବାଦୀ ଲୁଚି ରହିଥିଲେ । ଏହି ଅପରେଶନ ବେଳେ ସେମାନଙ୍କ ସହ ସମ୍ମୁଖୀନ ହେବାରୁ ଫାୟାରିଂରେ ସେମାନେ ନିହତ ହୋଇଥିଲେ । ସେହିପରି ସକାଳୁ ସକାଳୁ ରାଜୁୱାଡା ଜଙ୍ଗଲ ଭିତର ଦେଇ ଯିବାବେଳେ ହଠାତ୍ ୩ଜଣ ସନ୍ତ୍ରାସବାଦୀ ଆମ ଉପରକୁ ଫାୟାରିଂ କରିଥିଲେ । ମାତ୍ର କାଳବିଳମ୍ବ ନ କରି ଯବାନମାନେ ପୋଜିସନ ନେଇ ଫାୟାରିଂକରି ସେମାନଙ୍କୁ ନିହତ କରିଥିଲେ ।

ସତରେ ମାତୃଭୂମିର ସୁରକ୍ଷା ଲାଗି ଦେଶପ୍ରେମୀ ବୀର ସୈନିକଙ୍କ ଭୂମିକା ଅତୁଳନୀୟ । ସମଗ୍ର ଦେଶକୁ ଜଳ, ସ୍ଥଳ ଓ ଆକାଶମାର୍ଗରୁ ଏମାନେ ତୀକ୍ଷ୍ଣ ନଜର ରଖି ଥାଆନ୍ତି । ଏମାନେ ପ୍ରତି ମୁହୂର୍ତ୍ତରେ କେବଳ ଗୋଳାବାରୁଦର ନିଆଁଗଦାରେ ଜୀବନ ଅତିବାହିତ କରିଥାନ୍ତି ତା’ ନୁହେଁ, ବରଂ ଟାଣଖରା, ପ୍ରବଳ ବର୍ଷା, ବରଫ, ତୁଷାରପାତ ଓ ହାଡ଼ଭଙ୍ଗା ଶୀତର ପ୍ରକୋପକୁ ଖାତିର ନ କରି ଦୁର୍ଗମ ପଥରେ ଅହରହ ଶତ୍ରୁପକ୍ଷଙ୍କୁ ଟାର୍ଗେଟ୍ କରିଥାନ୍ତି । କେଉଁ ମୁହୂର୍ତ୍ତରେ ଏମାନଙ୍କ ଜୀବନଦୀପ ନିର୍ବାପିତ ହେବ କିଛି କହିହେବନି । ମାତ୍ର ବୀର ସୈନିକମାନଙ୍କ ଅସୀମ ସାହସ, ତ୍ୟାଗ ଓ ବଳିଦାନ ଦେଶବାସୀଙ୍କ ପାଇଁ ସୁରକ୍ଷାକବଚ ପାଲଟିଥାଏ ।

**-ରୋଜାଲିନ୍ ମହାନ୍ତି, ବନବିହାରୀ ବେହେରା**



# ବିଞ୍ଝବାହାଲରୁ ମୁମ୍ବାଇ



ସମସ୍ତଙ୍କ ଇଚ୍ଛାଥାଏ – ଭଲ ପାଠ ପଢ଼ିବା। ଆଉ ବଡ଼ ଚାକିରି କରିବା। ହେଲେ ଶିଶିରଙ୍କ ଇଚ୍ଛା ଥିଲା ଏସବୁରୁ ଭିନ୍ନ। ସେ ସ୍ୱପ୍ନ ଦେଖୁଥିଲେ, ସେ ପାଞ୍ଚଜଣରେ ଜଣେ ହୋଇ ବାହାରିବେ। ତାଙ୍କୁ ସମସ୍ତେ ଜାଣିବେ। ବାହାବା କରିବେ। ଆଉ ସେକଥା ଦେଖି ତାଙ୍କ ବାପାମା' ତଥା ବଡ଼ଭାଇଙ୍କ ମୁଣ୍ଡ ଗର୍ବରେ ଉଚ୍ଚା ହୋଇଯିବ। ଆଜି ତାହା ହିଁ ହୋଇଛି। ନିଜସ୍ୱ ନିଷ୍ଠା, ପାରିବାରିକ ସମର୍ଥନ ତଥା ଈଶ୍ୱରଙ୍କ ଆଶୀର୍ବାଦ ବଳରେ ମୁମ୍ବାଇ ଭଳି ଏକ ସ୍ୱପ୍ନର ସହରରେ ଶିଶିର ଓରଫ୍ ଶିଶିର କୁମାର ସାହୁ ନିଜକୁ ଜଣେ ଫିଲ୍ମ ନିର୍ଦ୍ଦେଶକ ଭାବରେ ପ୍ରତିଷ୍ଠିତ କରିପାରିଛନ୍ତି।


**ପେଣ୍ଟିଂ ଓ ଗୀତରେ ବିଭୋର ଶିଶିର :** ୧୯୮୮ ମସିହାରେ କେନ୍ଦୁଝର ଜିଲାର ବିଞ୍ଝବାହାଲରେ ଶିଶିରଙ୍କ ଜନ୍ମ। ବାପା ତନୟ କୁମାର ସାହୁ ଏବଂ ମା' ରଙ୍ଗଲତା ସାହୁଙ୍କର ସେ ସାନପୁଅ। ସେହିହେତୁ ସେ ସମସ୍ତଙ୍କର ଗେହ୍ଲା। ସଫ୍ଟୱେର ଇଞ୍ଜିନିୟର ବଡ଼ଭାଇ ସୁଧୀର କୁମାର ସାହୁ ତାଙ୍କୁ ସବୁଠୁ ବେଶି ଭଲପାଆନ୍ତି। ଶିଶିର ଯେପରି ରକ୍ତରେ କଳାକୁ ଧରି ଜନ୍ମ ହୋଇଥିଲେ। ପିଲାଟି ବେଳୁ ଖୁବ୍ ଭଲ ପେଣ୍ଟିଂ କରୁଥିଲେ। ଈଶ୍ୱର ତାଙ୍କୁ ଦେଇଥିଲେ ଏକ ସୁରିଲା ଗଳା। ସେ ଖୁବ୍ ଭଲ ଗୀତ ଗାଇ ପାରୁଥିଲେ। କିଛିଦିନ ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଂଗୀତ ମଧ୍ୟ ସେ ଶିକ୍ଷା କରିଥିଲେ। ଗୀତ ଗାଇ ଏବଂ ପେଣ୍ଟିଂ କରି ସେ ସ୍କୁଲ କଲେଜରେ ଏକ ନିଆରା ପରିଚୟ ସୃଷ୍ଟି କରିପାରିଥିଲେ। ସାଙ୍ଗସାଥୀ ତଥା ଗୁରୁଜନମାନେ ତାଙ୍କୁ ଭଲ ପାଉଥିଲେ। ସେମାନଙ୍କର ପ୍ରଚ୍ଛନ୍ନ ପ୍ରେରଣା ହିଁ ଶିଶିରଙ୍କ ହାତ ଧରି ଆଗକୁ ଆଗକୁ ଟାଣୁଥିଲା।




**ଫିଲ୍ମ ପାଇଁ ପାଠପଢ଼ା :** ପେଣ୍ଟିଂ କରୁଥିଲେ। ଗୀତ ବି ଗାଉଥିଲେ। ୟାର ଅର୍ଥ ଏଇଆ ନୁହେଁ ଯେ, ସେ ପାଠପଢ଼ାରେ ଅବହେଳା କରୁଥିଲେ। ସଫଳତାର ସହିତ ଗ୍ରାଜୁଏଶନ ଶେଷକଲେ ଶିଶିର। ଏହାପରେ କ'ଣ କରିବେ ବୋଲି ଆଲୋଚନା ହେଲା। ପରିବାରର ସମସ୍ତ ସଦସ୍ୟ ଏ ନିଷ୍ପତ୍ତି ଛାଡ଼ିଦେଲେ ଶିଶିରଙ୍କ ଉପରେ। ଶିଶିରଙ୍କ ସାମ୍ନାରେ ଥିଲା ଦୁଇଟା ରାସ୍ତା। ସେ ନିଜର ପ୍ୟାଶନ୍ ଛାଡ଼ିବେ। ନ ହେଲେ ଅନ୍ୟ ଉଚ୍ଚଶିକ୍ଷା କରିବେ। ମାତ୍ର ଶିଶିର ବାଛିଲେ ସେ ତାଙ୍କ ପ୍ୟାଶନ୍‌କୁ ପୂରା କରିବେ। ଜଣେ କଳାକାର ହେବେ। ବଡ଼ଭାଇ ସୁଧୀର ମଧ୍ୟ ତାଙ୍କୁ ସମର୍ଥନ କଲେ। ବାସ୍, ସେ ନାମ ଲେଖାଇଲେ ବିଜୁ ପଟ୍ଟନାୟକ ଫିଲ୍ମ ଆଣ୍ଡ ଟେଲିଭିଜନ୍ ଇନ୍‌ଷ୍ଟିଚ୍ୟୁଟ୍‌ରେ। ସଫଳତାର ସହିତ ଫିଲ୍ମ ନିର୍ମାଣ ଉପରେ ସେ ଏକ ତିନିବର୍ଷିଆ ପାଠ୍ୟକ୍ରମ ଶେଷକଲେ।

**ଆରମ୍ଭ ହେଲା ଷ୍ଟ୍ରଗଲ :** ବିଞ୍ଝବାହାଲରେ ବାଲି ଖେଳୁଖେଳୁ ଯେଉଁ ସ୍ୱପ୍ନ ଦେଖିଥିଲେ ତାହାକୁ ପୂରା କରିବା ପାଇଁ ଶିଶିର ଚାଲିଲେ ମୁମ୍ବାଇ। ସେ କହନ୍ତି : ମୁମ୍ବାଇ ଏମିତି ଏକ ସହର ଯିଏ ପ୍ରତ୍ୟେକ ମୁହୂର୍ତ୍ତରେ ସ୍ୱପ୍ନଦେଖାଏ। ଯିଏ ଧୈର୍ଯ୍ୟର ସହିତ କାମ କରିପାରେ ସେ ନିଶ୍ଚିତ ସୁନାମୁକୁଟ ପିନ୍ଧେ। ମୁମ୍ବାଇରେ ତାଙ୍କର ଷ୍ଟ୍ରଗଲ କିଛି କମ୍ ନ ଥିଲା। ପାଖାପାଖି ଦେଢ଼ବର୍ଷରୁ ଦୁଇବର୍ଷ ସେ କୌଣସି କାମ ପାଇଲେ ନାହିଁ। ଘରୁ ଟଙ୍କା ନେଇ ଚଳୁଥିଲେ। ପ୍ରତ୍ୟେକଦିନ ସକାଳେ ଉଠି ବିଭିନ୍ନ ନମ୍ବରରେ କଣ୍ଟାକ୍ଟ କରୁଥିଲେ। କେବଳ ଅପେକ୍ଷା କରୁଥିଲେ କେବେ ଆସିବ ସେଇଦିନ, ଯେଉଁଦିନ ତାଙ୍କୁ ଡାକରା ମିଳିବ ତାଙ୍କର ସ୍ୱପ୍ନକୁ ପୂରା କରିବା ପାଇଁ।

**ଶ୍ୟାମ ବେନେଗଲ୍‌ଙ୍କଠୁ ଡାକରା :** ଦେଢ଼ବର୍ଷ ଭିତରେ ଶିଶିର ଅନେକଙ୍କୁ ଭେଟିଥିଲେ। ସେହି ସମୟ ଭିତରେ ତାଙ୍କର ଅନେକଙ୍କ ସହିତ ବନ୍ଧୁତା ଗଢ଼ି ଉଠିଥିଲା। ସେମାନଙ୍କ ମଧ୍ୟରେ ଜଣେ ଥିଲେ ଅସୀମ ସିହ୍ନା। ଏହି ବର୍ଷିଆନ୍ ମଣିଷ ଜଣକ ମୁମ୍ବାଇର ଜଣେ ପ୍ରସିଦ୍ଧ ଫିଲ୍ମ ଏଡ଼ିଟର ଥିଲେ। ଦିନେ ଅସୀମ ସିହ୍ନା ଫୋନ୍‌କଲେ। ଆଉ କହିଲେ, ତୁମେ ଶ୍ୟାମ ବେନେଗଲଙ୍କ ସହ କାମ କରିବ ? ଏକଥା ଶୁଣିବା ପରେ ଖୁସୀରେ ପାଦ ତଳେ ଲାଗି ନ ଥିଲା ଶିଶିରଙ୍କର। ଯେଉଁ କିମ୍ବଦନ୍ତୀ ମଣିଷଙ୍କ ଫିଲ୍ମ ଦେଖି ସେ ନିଜକୁ ପ୍ରସ୍ତୁତ କରିଛନ୍ତି ଖୋଦ୍ ତାଙ୍କ ସହିତ କାମ କରିବାର ସୁଯୋଗ ମିଳୁଛି। ଶିଶିର କହନ୍ତି, ଏହା ତାଙ୍କ ପାଇଁ ଥିଲା ଏକ ସ୍ୱପ୍ନର ଡାକରା।



**ଫିଟିଲା ଆଗକୁ ଯିବାର ରାସ୍ତା :** ଶ୍ୟାମ ବେନେଗଲଙ୍କ ସହ ସେ 'ସମ୍ବିଧାନ' ଟେଲି ସିରିଜ୍‌ରେ କାମ କଲେ। ଏହାପରେ ଯେମିତି ତାଙ୍କ ପାଇଁ ଆଗକୁ ଯିବାର ରାସ୍ତା ଫିଟିଗଲା। ଏହାପରେ ତାଙ୍କ ହାତକୁ ଆସିଲା ଆଶୁତୋଷ ଗୋୱାରିକରଙ୍କ ବିଗ୍‌ବଜେଟ୍‌ର ଫିଲ୍ମ 'ମହେଞ୍ଜୋଦାରୋ'। ଶିଶିର ଅଦ୍ୟାବଧି କରିଥିବା ଫିଲ୍ମ ତଥା ଡକ୍ୟୁମେଣ୍ଟାରୀ, ସିରିଏଲ୍, ଶର୍ଟଫିଲ୍ମ ମଧ୍ୟରେ ରହିଛି ମହେଞ୍ଜୋଦାରୋ, ଜେଡ୍ ପ୍ଲସ୍, ବିଏଚ୍‌କେ – ଭଲ୍ଲା ଆଟ୍ ହାଲ୍ଲା ଡଟ୍ କମ୍, ଏଭେରେଷ୍ଟ, ରଜ, ଫର୍ଚ୍ଚା, ଡେୟାର ୟୁ, ସମ୍ବିଧାନ ଏବଂ ଆହୁରି ଅନେକ।




**ବଡ଼ଲୋକଙ୍କ ବଡ଼ଶିକ୍ଷା :** ମୁମ୍ବାଇ ତାଙ୍କୁ ସ୍ୱପ୍ନ ଦେଖେଇଛି। ଅନେକ ସଂଘର୍ଷ ବି କରେଇଛି। ହେଲେ ଅନେକ ଶିଖେଇଛି ମଧ୍ୟ। ଶ୍ୟାମ ବେନେଗଲ ହୁଅନ୍ତୁ କି ଆଶୁତୋଷ ଗୋୱାରିକର – ସେମାନେ ଆଜି ଏତେ ଉପରକୁ ଯାଇଥିବାର କାରଣ ସେମାନେ ଖୁବ୍ ନମ୍ର। ଆଉ ଅହଂକାର ବିହୀନ। ସେ ସେମାନଙ୍କଠୁ ଏଇ ଗୁଣଟି ହାସଲ କରିଛନ୍ତି ବୋଲି କହନ୍ତି ଶିଶିର। ଶିଶିରଙ୍କ ସାମ୍ନାରେ ଅନେକ ପଥ। ମନରେ ଅସୁମାରି ସ୍ୱପ୍ନ। ଅବଶ୍ୟ ସ୍ୱପ୍ନ ସାକାର କରିବାକୁ ସେ ଆଜି ଏକା ନୁହନ୍ତି। ତାଙ୍କ ସହିତ ଅଛନ୍ତି ତାଙ୍କର ପତ୍ନୀ ପିନାକୀ ସିଂହ। ପିନାକୀ କେବଳ ତାଙ୍କର ସହଧର୍ମିଣୀ ନୁହନ୍ତି; ସହ କର୍ମିଣୀ ମଧ୍ୟ। ସେ ତାଙ୍କୁ କେବଳ ପ୍ରେରଣା ଦେଉନାହାନ୍ତି; ଅଧିକନ୍ତୁ ପାଦରେ ପାଦ ମିଶେଇ ଚାଲୁଛନ୍ତି।

– ରାଜେନ୍ଦ୍ର ରାଉଳ

# ଅଖଣ୍ଡ ଭାରତ ଓ ଆଶିଷ ମୁଦ୍ରାରେ ଧର୍ଷିତା ଆର୍ଯ୍ୟନାରୀ

**– ଶଙ୍କର୍ଷଣ ପରିଡ଼ା**

ଆଖିରୁ ଝରୁଛି ଅବାରିତ ଅଶ୍ରୁଧାର
ଅଧର ଛୁଇଁଛି ମଧୁର ହସର ଢେଉ
ଅଦ୍ଭୁତ ତୁମେ ନାରୀ !
ସାଗର ଗରଭେ ପାଦ ଥାପିଛ
ପାହାଡ଼ ଉହାଡ଼େ ଲୁଚିଛି ଚନ୍ଦ୍ରମୁଖ
ଧୂଳି ଧୂସରିତ ଭୂଇଁରେ ଲୋଟୁଛ
ଅଙ୍ଗାଭରଣ ଅମଳିନ ଛିଣ୍ଡାପାଟ
କରେ କଙ୍କଣ, କଟୀରେ ମେଖଳା
ପୟରେ ନୂପୁର ନାଇଁ
ଗଣ୍ଡଦେଶରେ ବହୁଧାର ହେଇ
ବହୁଛି ଲୋତକ ବନ୍ୟା
ଆଶିଷ ମୁଦ୍ରାରେ କିଏ ତୁମେ ମହାମାନ୍ୟା ?

କରୁଣ ବେହାଗେ ପରିଚିତ ରାଗେ
ସେ ନାରୀ ଗାଉଛି ଗୀତ
ଦେଖିଯାଅ ମୋର ବହୁଧା ବିଭସ୍ତ ରୂପ
ଅବାଞ୍ଛିତ ମୋ ପ୍ରତାରକ ସୃଷ୍ଟି
ବିଜାତୀୟ ଯେତେ ଚିନ୍ତା ଚେତନା ପୁଷ୍ଟ
ମା' ଧରଷଣେ ମାତିଛି ଆଜି
ସେଇ ଯାହା ମୋର କଷ୍ଟ
ଆର୍ଯ୍ୟ ଜନନୀ ସକଳ ଗର୍ବ ଚୂର୍ଣ୍ଣ ହେଇଛି
ଆହତ ପ୍ରାଣର ବ୍ୟର୍ଥ ବେଣୁ
କୁହୁରି ଗାଉଛି ଗୀତ ।

ଦୁଃଖ ଦୋହାରେ ମହମ ତରଳା
ତରଳି ଯାଉଛି କୋଟି ସୁଷମାର ନାରୀ
ତୁଟି ଯାଉଛି ତା' ଶିରି
ମହାମାନବର ଏ ମହାଦେଶେ
ମା' ଧରଷଣ ଲୀଳା
ମୃତ୍ୟୁ ଅନ୍ଧାରେ କୁତ୍ସିତ ଦୈତ୍ୟ
ଆରମ୍ଭିଛି ତା'ର ଖେଳା
ଧ୍ୱଂସର ବୀଜ ବପନ ବିରୁଦ୍ଧେ
ସୃଜନ ସ୍ୱପ୍ନ ବୁଣୁଛି ଯିଏ
ସାତ ହୀନିମାନ ଆଜି
ହୀନ ଚକ୍ରାନ୍ତେ ମିଳିମିଶି ତାକୁ
ଧର୍ଷଣ କର ପାଜି ?

ସର୍ବଂସହା ମୁଁ
ତଥାପି ଗାଉଛି ଅଭୟ ମୁଦ୍ରା ତୋଳି
ଲମ୍ବେଇ ଦେଇଛି ସହାନୁଭୂତିର ହାତ
ଜିଇବାଟା ଏଇ ଜୀବନରେ ବଡ଼ ସତ
ଫେରିଆସ ଏବେ ଅନ୍ଧ ଅନ୍ଧାର ଯାତ୍ରୀ
ଭସ୍ମାସୁରୀୟ ଦଳ
ବର ପରୀକ୍ଷା ଭୁଲି ବଞ୍ଚିବା ବଞ୍ଚି ଶିଖ
ପଛ ଘୁଞ୍ଚା ଦେଉ ମୃତ୍ୟୁ ରଇତ
ମୁକ୍ତି ଆଲୋକ ଦେଖ ।।

*– ଇନ୍ଦ୍ରପ୍ରସ୍ଥ, ପୁରୀ–୨*
*ମୋ : ୯୪୩୭୦୩୪୫୫୦*

# ବୋକାଲୋକ

**–ନିମାଇଁ ମିଶ୍ର**

ବିଳମ୍ବରେ ହେଉ ପଛେ ମେନକାଦେବୀ ସ୍ୱାମୀ ସରୋଜବାବୁଙ୍କୁ ବୁଝାଶୁଝା କରି ପୁଅ ରମେଶ ପାଇଁ ମୋଟର ସାଇକେଲଟେ ଆଣିଲେ। ପୁଅକୁ ଡାକି କହିଲେ ମେନକାଦେବୀ– ବୁଝିଲୁ ରମେଶ, ତୋ ବାପା ତ ଅଫିସ୍ କାମରେ ରହି ଛୁଟିଦିନକୁ ଭୁଲି ଯାଉଛନ୍ତି। ଏବେ ତୋର କାମ ହେଲା ସପ୍ତାହକୁ ଥରେ ମତେ ନେଇ ବଜାର ବୁଲେଇ ଆଣିବୁ।

ସରୋଜବାବୁ ଛୁଟିଦିନରେ କାମ କରନ୍ତି ବୋଲି ସିନା ମେନକାଦେବୀ ବିରକ୍ତ ହୁଅନ୍ତି। ହେଲେ ସରୋଜବାବୁ ଯେତେବେଳେ ପୁଳାପୁଳା ଟଙ୍କା ଆଣି ଘରେ ରଖିଦିଅନ୍ତି ସେତେବେଳେ ମେନକାଦେବୀଙ୍କ ପାଦ ତଳେ ଲାଗେନି। ସେ ଜାଣନ୍ତି ଏସବୁ ଲାଞ୍ଚରେ ମିଳୁଥିବା ଟଙ୍କା। ହେଲେ ମନକୁମନ କହନ୍ତି, କିଏ ଲାଞ୍ଚ ନ ଖାଉଛି ଯେ ? ସହଜରେ ତାଙ୍କ ସ୍ୱାମୀ ଜଣେ ସାଧାରଣ କିରାଣି।

ପୁଅ ରମେଶର ଗତିବିଧିକୁ ଦେଖି ସରୋଜବାବୁଙ୍କ ମନରେ ଭୟ ଆସେ। ପୁଣି ତା'ର ଆବଶ୍ୟକତାଠୁ ଅଧିକ ବଦଖର୍ଚ୍ଚ ସରୋଜବାବୁଙ୍କୁ ଚିନ୍ତାରେ ପକେଇଦିଏ। ହେଲେ ମେନକାଦେବୀ ରୋକ୍‌ଠୋକ୍ କହିଦିଅନ୍ତି– ଦେଖ, ତମ ଦରମା ଟଙ୍କାରେ ମୋ ପୁଅ ବଦଖର୍ଚ୍ଚ କରୁନି। ସେ ଯେଉଁ ଖର୍ଚ୍ଚ କରୁଛି ସେସବୁ ଲାଞ୍ଚରେ ଆସିଥିବା ଟଙ୍କା।

ସରୋଜବାବୁ ମେନକାଙ୍କ ସହିତ ଆଉ ବେଶି ବଢ଼ନ୍ତିନି। ଚୁପ୍‌ଚାପ୍ ଅଫିସ୍ ଚାଲିଯାଆନ୍ତି। ସବୁଦିନ ଠିକ୍‌ଠାକ୍ ଚାଲିଥିଲା। ହେଲେ ଦିନେ ରମେଶ ଡେରି ରାତିଯାଏ ଘରକୁ ଫେରିଲାନି। ଉଭୟ ସରୋଜବାବୁ ଓ ମେନକାଦେବୀ ଚିନ୍ତାରେ ଥିଲେ। ହଠାତ ଥାନାରୁ ଫୋନ୍ ଆସିଲା। ପୁଅ ମଦପିଇ ଗାଡ଼ି ଚଳେଇ ଦୁର୍ଘଟଣା ଘଟେଇଛି। ଗାଡ଼ିର କାଗଜପତ୍ର ଧରି ସକାଳ ଆଠଟା ସୁଦ୍ଧା ଥାନାକୁ ଆସ। ସରୋଜ ବାବୁ କିଛି ବୁଝିପାରୁ ନଥିଲେ। ସେ ଯେମିତି ଗୋଟେ ବୋକାଲୋକ ପାଲଟି ଯାଇଥିଲେ।

*–ଚାନ୍ଦବାଲି, ଭଦ୍ରକ*



# ଟିଭିରେ ଯୁଦ୍ଧ ଖବର

**– ପବିତ୍ର ମୋହନ କର**

ସେତେବେଳେ ଆମର ବିଶେଷ କିଛି ନ ଥିଲା

ଏମିତି କି ମୁଣ୍ଡ ଉପରେ ଚାଳ
ଓ ପାଦ ତଳେ ଚପଲ ନ ଥିଲା

ଗୁଳି ବନ୍ଧୁକ ତ ଦୂର
କାତି କଟୁରି ବି ନ ଥିଲା ।

ଗୋଟେ ଦିଅଁ ଓ ଦି'ପଦ ମନ୍ତ୍ରବଳରେ
ଆମେ ଯୁଦ୍ଧ କଲୁ, ଢେର ଦିନ, ଜିତିଲୁ
ଓ ଦେଶ ସ୍ୱାଧୀନ ହେଲା ।

ବିଡମ୍ବନା
ନିଜ ନିଜ ଈଶ୍ୱରଙ୍କ ଦ୍ୱାହୀ ଦେଇ
ଦଳେ ହଣାକଟା ହେଲେ ସେତେବେଳେ ।

ଆମ ସେନାପତି କାନ୍ଦିଲେ, ଉପବାସ କଲେ
'ସ୍ୱାଧୀନତା ରକ୍ତ ରଙ୍ଗର ତତଲା ନଈ ନୁହେଁ'
ହାତ ଯୋଡ଼ି କହିଲେ, ଓ ଟଳି ପଡ଼ିଲେ ।

ଟିଭିରେ ଯୁଦ୍ଧ ଖବର ଦେଖି
ଦ୍ୱିତୀୟରେ ପଢୁଥିବା ନାତିର ପ୍ରଶ୍ନ
'ଯୁଦ୍ଧ କାହାକୁ କହନ୍ତି ଜେଜେ ?'ର
ଉତ୍ତରରେ, ମୋ ବାପା କହୁଥିଲେ ।

ସୀମାନ୍ତରେ
କାଲି ଶହୀଦ ହେଇଗଲା ମୋ ସାନଭାଇ
ତା' ପରିବାର ରହନ୍ତି ଗାଁରେ
ଯା'ର ଏକମାତ୍ର ପୁଅ ପଢ଼େ ତୃତୀୟରେ ।

*– ବି.ଏସ୍.ଏନ୍.ଏଲ୍, କଲୋନୀ*
*ୟୁନିଟ୍–୮, ଭୁବନେଶ୍ୱର–୧୨*
*ମୋ : ୯୪୩୭୦୬୬୦୯୯*



ଜୟା



# ପ୍ରେମର ମିଶାଣ ଫେଡାଣ

ପ୍ରେମ କେତେବେଳେ ସୃଷ୍ଟି ହୁଏ ତାହା ଆକଳନ କରିବା କଷ୍ଟକର। ବେଳେବେଳେ ତାହା ହାତ ପାଆନ୍ତାରେ ମିଳିଯାଏ ତ ବେଳେବେଳେ ସେଥିପାଇଁ ନାକେଦମ ହେବାକୁ ପଡିଥାଏ। ହେଲେ ଏହାକୁ ଏକ ଭିନ୍ନ ଦୃଷ୍ଟିରେ ଦେଖିଥାଏ ପବନ କୁମାର ଓରଫ ପିକେ। ତା' ପାଇଁ ପ୍ରେମ ଏକ ଖେଳନା। ହେଲେ ସେ ଯେତେବେଳେ ନୈନା ନାମ୍ନୀ ସୁନ୍ଦରୀ ସଂସ୍ପର୍ଶରେ ଆସେ ତାହାର ଏହି ମନୋଭାବ ବଦଳି ଯାଏ କି ? ପ୍ରେମକୁ ନେଇ ମିଶାଣ ଫେଡାଣ କରୁଥିବା ଏହି ପ୍ରେମିକ ମନ ପରିବର୍ତ୍ତନ ହୁଏ କି ? ଏଭଳି ଏକ ଭିନ୍ନ ଧରଣର ପ୍ରେମ କାହାଣୀକୁ ନେଇ ନିର୍ମିତ ହେବାକୁ ଯାଉଛି ଓଡିଆ ସିନେମା 'ଆଶୀକ ସରେଣ୍ଡର ହେଲା'। ବିଶ୍ୱାସ ପ୍ରଡକ୍ସନ ଏବଂ ଫୋନିକ୍ସ ଫିଲ୍ମ ଲାବ୍ ପ୍ରା.ଲି. ବ୍ୟାନରରେ ଏହାର କାହାଣୀ ରଚନା ସହ ନାୟିକା ସାଜିଛନ୍ତି ଜୟା ବିଶ୍ୱାସ। ଅପରପକ୍ଷରେ ତାଙ୍କ ଅପୋଜିଟ୍‌ରେ ମେଲ୍ ଲିଡ୍‌ରେ ଅଛନ୍ତି ସମ୍ଭବ। ଫିଲ୍ମର ଚିତ୍ରନାଟ୍ୟ ସହ ସଂଳାପ ରଚନା କରିଛନ୍ତି ମାନସ ପଢ଼ିହାରୀ। ବସନ୍ତରାଜ ସାମଲ ଏବଂ ସୁବ୍ରତ ସ୍ୱାଇଁଙ୍କ ଗୀତଗୁଡିକୁ ସ୍ୱର ଦେଇଛନ୍ତି ପ୍ରେମ ଆନନ୍ଦ। ନିର୍ଦ୍ଦେଶନା ଭାର ସମ୍ଭାଳୁଛନ୍ତି ରାଜା. ଡି। ଛୋଟ ପରଦାରେ ଜଣେ ଜଣାଶୁଣା ଉପସ୍ଥାପିକା ଭାବରେ ପରଚିତା ଜୟା ଏହି ଫିଲ୍ମଟିର ସଫଳତାକୁ ନେଇ ବେଶ୍ ଆଶାବାଦୀ ଅଛନ୍ତି। ଏହାର ଶୁଟିଂ ମାର୍ଚ୍ଚ ପ୍ରଥମ ସପ୍ତାହରେ ଆରମ୍ଭ ହେବ ବୋଲି ସୂଚନା ଦେଇଛନ୍ତି ଉକ୍ତ ଚଳଚ୍ଚିତ୍ରର କ୍ରିଏଟିଭ ହେଡ୍ ପ୍ରଣୟ ଜେଠୀ।

# ଖୋଜୁଛନ୍ତି ସୋନମ୍

ସୋନମ୍ କପୁର ଏବେ ଖୋଜାଖୋଜିରେ ବ୍ୟସ୍ତ। ତାହା ହେଲା ନିଜ ମନକୁ ତଥା ଦର୍ଶକଙ୍କୁ ପ୍ରଭାବିତ କରିବା ଭଳି କାହାଣୀ। ପୁଣି ସେଥିରେ ମହିଳାମାନଙ୍କୁ ପ୍ରାଧାନ୍ୟ ଦିଆଯାଇଥିବା ଦରକାର। ବିଶେଷଭାବରେ 'ନିର୍‌ଜା' ପରି ଫିଲ୍ମରେ ଅଭିନୟକରି ସଫଳତା ପାଇବା ପରେ ତାଙ୍କର ଏହି ଆଶା ଦ୍ୱିଗୁଣିତ ହୋଇଯାଇଛି। ଏଣିକି ସେ କେବଳ ମହିଳାମାନଙ୍କୁ ଆଧାରକରି ରଚିତ କାହାଣୀକୁ ଅଗ୍ରାଧିକାର ଦେବେ। କେବଳ ସେତିକି ନୁହେଁ, ହୋମ୍ ବ୍ୟାନରରେ ଏପରି ୨-୩ଟି ସିନେମା ତିଆରି କରିବାକୁ ମଧ୍ୟ ଅଣ୍ଟା ଭିଡ଼ିଛନ୍ତି। ଏ ସମ୍ପର୍କରେ ପାପା ଅନିଲଙ୍କ ସହ ମଧ୍ୟ କଥାବାର୍ତ୍ତା ହୋଇସାରିଛନ୍ତି ବୋଲି ସୂଚନା ଦେଇଛନ୍ତି। ପୁଣି ଏପରି କାହାଣୀ ପାଇଁ ସେ ପ୍ରତିଦିନ ୪-୫ ଘଣ୍ଟା ସମୟ ଦେଉଛନ୍ତି। ଖାସ୍ କଥା ହେଲା ଭାରତୀୟ ନାରୀଙ୍କର ବୀର ଗାଥା ଉପରେ କାହାଣୀକୁ ସେ ଅଧିକ ଗୁରୁତ୍ୱ ଦେଉଛନ୍ତି। କେବଳ ସେତିକି ନୁହେଁ, ଏପରି କାହାଣୀକୁ ଆଧାରକରି ନିର୍ମିତ ଫିଲ୍ମରେ ସେ ନିଜେ ମୁଖ୍ୟ ଭୂମିକାରେ ଅଭିନୟ କରିବେ। ସୂଚନାଯୋଗ୍ୟ, ସୋନମଙ୍କ ଅଭିନୀତ 'ଏକ ଲଡ୍‌କୀ କୋ ଦେଖା ତୋ ଐସା ଲଗା' ନିକଟରେ ଭଲ ବିଜ୍‌ନେସ କରିଛି।



# କଥା ହେବେନି କଙ୍ଗନା

ମାତ୍ର ୧୦ଦିନ। ଏତେ ଦିନ ଧରି ସେ ଆଦୌ କଥାବାର୍ତ୍ତା ହେବେ ନାହିଁ। ଯାହା ଦରକାର କେବଳ ଲେଖିଦେବେ। ପୁଣି ଏହାକୁ ପାଳନ କରିବା ବେଳେ ଯେମିତି ଟିକେ ହେଲେ ଗଡବଡ ନ ହୁଏ ସେ ନେଇ ନିଜକୁ ମାନସିକ ସ୍ତରରେ ପ୍ରସ୍ତୁତ କରିସାରିଛନ୍ତି କଙ୍ଗନା। କଥା କ'ଣ କି ଚଳିତ ମାସ ୨୩ରେ ସେ ନିଜର ଜନ୍ମଦିନ ପାଳନ କରିବାକୁ ଯାଉଛନ୍ତି। ହେଲେ ତା' ସହ ଏହି ଦଶ ଦିନର ନୀରବତାର କ'ଣ ସମ୍ପର୍କ ରହିଛି। ଅସଲ କଥା ହେଲା ନିଜ ଜନ୍ମଦିନର ୧୦ଦିନ ପୂର୍ବରୁ କାହା ସହ କଥା ନ ହେବାକୁ ସ୍ଥିର କରିଛନ୍ତି କଙ୍ଗନା। ଏପରି ବିଷୟକୁ ନେଇ ସେ କହନ୍ତି, 'ଏହା ପଛରେ ସେମିତି କିଛି ସ୍ପେଶାଲ ନାହିଁ। ହେଲେ ଏଥର ମୋ ବାର୍ଥ ଡେ'କୁ ମୁଁ ଆହୁରି ସ୍ପେଶାଲ କରିବାକୁ ଚାହୁଁଛି। ଏହି ସମୟରେ ମୋର ମାନସିକ ଶାନ୍ତି ବଡ କଥା। ତେଣୁ ଏଥିପାଇଁ ମୁଁ ଜଣେ ଯୋଗ ଟ୍ରେନରଙ୍କୁ ନିକଟକୁ ଯାଇଥିଲି। ସେ ମୋତେ ଠିକ୍ ୧୦ଦିନ ଆଦୌ କଥା ନ ହେବାକୁ ପରାମର୍ଶ ଦେଇଛନ୍ତି। ଆଉ ଏମିତି ସଂଯୋଗ ଯେ, ଠିକ୍ ମୋ ଜନ୍ମଦିନରେ ହିଁ ଏହି ଦଶ ଦିନ ଶେଷ ହେଉଛି।' ଏଥର କଙ୍ଗନା ତାଙ୍କର ଜନ୍ମଦିନକୁ ମନାଲିରେ ପାଳନ କରିବେ।



# ଅଭିମାନ କରିଛନ୍ତି ସାରା

ସାରା ଅଲ୍ଲୀ ଖାଁଙ୍କ ମନ ଦୁଃଖ। କେତେ ଆଶା ରଖିଥିଲେ ପାପା ସୈଫ ଅଲ୍ଲୀ ଖାଁଙ୍କ ସହ ସେ ଅଭିନୟ କରିବେ। ହେଲେ ଏହାକୁ ରେଡ୍ ସିଗନାଲ ଦେଖାଇଛନ୍ତି ନିଜେ ସୈଫ। କଥା କ'ଣ କି ନିର୍ମିତ ହେବାକୁ ଯାଉଥିବା 'ଲଭ୍ ଆଜ୍ କଲ୍-୨'ରେ ରିଷି କପୁରଙ୍କ ଭୂମିକାରେ ସୈଫ ଅଭିନୟ କରିବେ। ଅର୍ଥାତ୍, ପରଦାରେ ସାରାଙ୍କ ବାପା ଭୂମିକାର ଅଭିନୟ କରିଥାଆନ୍ତେ ସୈଫ। ଏକଥାକୁ ନେଇ ଚର୍ଚ୍ଚା ଜୋର୍ ଧରିଥିବା ବେଳେ ଶେଷକୁ ମୁହଁ ଖୋଲିଛନ୍ତି ସୈଫ। 'ମୁଁ ଏହି ଫିଲ୍ମର କାଷ୍ଟିଂରେ ନାହିଁ ବୋଲି ସଫେଇ ଦେଇଛନ୍ତି ସେ।' ଏ ସମ୍ପର୍କରେ ସାରା କହନ୍ତି, 'ମୋର ଶତପ୍ରତିଶତ ବିଶ୍ୱାସ ଥିଲା ଯେ, ପାପା ଏହି ଫିଲ୍ମରେ ଆକ୍ଟିଂ କରିବେ। ଏ ବିଷୟରେ ତାଙ୍କ ସହ କଥା ହୋଇଥିଲି। ହେଲେ ତାଙ୍କର ଏଭଳି ନିଷ୍ପତ୍ତି ଉପରେ କିଛି କହିବି ନାହିଁ।' ଏହି ଫିଲ୍ମରେ ସାରାଙ୍କ ସହ ସ୍କ୍ରିନ୍ ସେୟାର କରିବେ କାର୍ତ୍ତିକ ଆର୍ଯ୍ୟନ୍। ଏଥିରେ ରଣଦୀପ ହୁଦା ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଭିନୟ କରିବେ। ଖୁବ୍ ଶୀଘ୍ର ଏହାର ଶୁଟିଂ ଆରମ୍ଭ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।



# କ୍ରିତିଙ୍କ ମିଠା ବଣ୍ଟା

କ୍ରିତିଙ୍କ ମିଠା ବଣ୍ଟାକୁ ନେଇ ଏବେ ଚର୍ଚ୍ଚା। ହେଲେ କ'ଣ ପାଇଁ ସେ ମିଠା ବାଣ୍ଟିଥିଲେ ଜାଣନ୍ତି ? ନିଜ ଅଭିନୀତ ଫିଲ୍ମ 'ଲୁକା ଛୁପି'ର ସଫଳତାକୁ ନେଇ। ରିଲିଜ ହେବା ପରେ ଫିଲ୍ମଟି ଭଲ ବିଜନେସ୍ କରୁଛି। ଏହା ଦେଖି କ୍ରିତି ଏକ ପାର୍ଟିର ଆୟୋଜନ କରିଥିଲେ। ଯଦିଓ ଏଥିରେ ଖାଦ୍ୟପେୟ ବ୍ୟତୀତ ମୁଖ୍ୟ ଆକର୍ଷଣ ଥିଲା ମିଠା। ଉକ୍ତ ପାର୍ଟିରେ ଉପସ୍ଥିତ ଅତିଥି ଯେପରି ବିଭିନ୍ନ ପ୍ରକାର ସ୍ୱାଦିଷ୍ଟ ମିଠା ଖାଇପାରିବେ ତାହାର ବ୍ୟବସ୍ଥା କରିଥିଲେ କ୍ରିତି। କିନ୍ତୁ ଏହି ମିଠା ବଣ୍ଟା ପଛରେ ଆଉ ଏକ କାରଣ ଥିଲା। ସେ କୁଆଡେ ଏଣିକି ଫିଲ୍ମ ପାଇଁ କାହାଣୀ ଖୋଜିବା ଆରମ୍ଭ କରିବେ। ତେଣୁ ଏହି କାହାଣୀ ଖୋଜା ଅଭିଯାନ ବିଷୟରେ ସେ ସେଠାରେ ସୂଚନା ଦେଇଥିଲେ। 'ମୁଁ ମନକୁ ମନ କାହାଣୀ ଖୋଜୁନାହିଁ। ଭଲ କାହାଣୀଟିଏ ମିଳିଲେ ତାହାକୁ ଆଧାର କରି ଫିଲ୍ମଟିଏ ନିର୍ମାଣ କରିବାକୁ ଜଣେ ପ୍ରଯୋଜକ ମୋତେ କଥା ଦେଇଛନ୍ତି। ବାକି ରହିଲା ମୋର 'ଲୁକା ଛପି'ର ସଫଳତା କଥା। ଏହାର ବିଜନେସ୍‌କୁ ନେଇ ମୁଁ ବେଶ୍ ଖୁସ୍ ଅଛି। ପୁଣି ଏହାର ପ୍ରଯୋଜକ ମୋତେ ତାଙ୍କର ପରବର୍ତ୍ତୀ ଫିଲ୍ମରେ ରିପିଟ୍ କରିବାକୁ ପରୋକ୍ଷରେ ସୂଚନା ଦେଇଛନ୍ତି ବୋଲି କହିଥିଲେ କ୍ରିତି।



# ବାହା ହେବେ ମଲାଇକା!

ଅଭିନୟ ଅପେକ୍ଷା ନିଜ ବ୍ୟକ୍ତିଗତ ଜୀବନକୁ ନେଇ ଗତ କିଛି ବର୍ଷ ହେଲା ବେଶ୍ ଚର୍ଚ୍ଚାରେ ଅଛନ୍ତି ମଲାଇକା ଆରୋରା। ଅରବାଜ ଖାଁଙ୍କ ସହ ଡିଭୋର୍ସ ହେବା ପରେ ସେ ଏବେ ଅର୍ଜୁନ କପୁରଙ୍କ ପ୍ରେମରେ ଉବୁଟୁବୁ ହେଉଛନ୍ତି ବୋଲି ଆଲୋଚନା ହେଉଛି। ନିକଟରେ ଶୁଣିବାକୁ ମିଳୁଛି ଯେ ଦୁହେଁ ଚଳିତବର୍ଷ ଏପ୍ରିଲରେ ଘର ସଂସାର କରିବାକୁ ଯାଉଛନ୍ତି। ଯଦିଓ ମଲାଇକା ଏ ନେଇ କୌଣସି ସୂଚନା ଦେଇନାହାନ୍ତି ହେଲେ ତାଙ୍କର ବାହାଘରକୁ ନେଇ ବେଶ ଆଲୋଚନା ହେଉଛି। ଖ୍ରୀଷ୍ଟିଆନ୍ ପରମ୍ପରା ଅନୁସାରେ ଏହି ବିବାହ ସମ୍ପନ୍ନ ହେବ ବୋଲି ଜଣାପଡିଛି। ତେବେ ଏଭଳି ଆଲୋଚନା ପଛରେ କେତେ ସତ ଲୁଚି ରହିଛି ତାହା ଜାଣିବାକୁ ନିଶ୍ଚୟ ଅପେକ୍ଷା କରିବାକୁ ହିଁ ପଡିବ।

# ଲୁଚି ଲୁଚି ଆସି ସପନ ରାଣୀ, ଇସାରାରେ ନେଲା ମନକୁ କିଣି

**ପ୍ରଶ୍ନ**–ସେ ସବୁବେଳେ ମୋ ସପନରେ ଆସୁଛି। ଏବେ ଦେଖିଲା ବେଳକୁ ମୋ ମନକୁ କିଏ ଚୋରି କରି ନେଇଛି। ହେଲେ ଏହା କେମିତି ଚୋରି ହୋଇଗଲା ତାହା ଜାଣିପାରୁନାହିଁ। *–ପି.କେ., ବାଣପୁର,ଖୋର୍ଦ୍ଧା*

**ଉତ୍ତର :** ମନ କେତେବେଳେ ଚୋରି ହୋଇଯାଏ ତାହାର ସୁରାକ ବେଳେବେଳେ କେହି ପାଇ ନ ଥାନ୍ତି। ପ୍ରେମ ରାଇଜରେ ଘରଟିଏ କରିବାକୁ ପ୍ରେମିକ ସ୍ୱପ୍ନ ଦେଖେ। ହେଲେ ତା' ମାନସପଟରେ ଆସୁଥିବା ସୁନ୍ଦରୀ ହଠାତ୍ ଆଖି ସାମନାରେ ଉଭା ହୋଇ ପ୍ରେମିକ ମନରେ ସୁନ୍ଦର ବସାଟିଏ ବାନ୍ଧିଦିଏ। 'ଲୁଚି ଲୁଚି ଆସି ସପନ ରାଣୀ, ଇସାରାରେ ନେଲା ମନକୁ କିଣି।' ତେଣୁ ମନ ଯେତେବେଳେ ଚୋରି ହୋଇଛି, ଯଦି ସେପଟୁ ସବୁ ଠିକ୍‌ଠାକ୍ ଅଛି ତେବେ କେମିତି ଚୋରି ହେଲା ତର୍ଜମା ନ କରି ଆଗକୁ ଆଗାନ୍ତୁ। ଏମିତି ଯଦି ସେ ବିଷୟରେ ଭାବୁଥିବେ ତେବେ ଆପଣଙ୍କ ପ୍ରେମର ଗାଡି ଆଗକୁ ଗଡିବ କେମିତି ?

**ପ୍ରଶ୍ନ**–ପ୍ରେମ ନିବେଦନ କରି ମୁଁ ଅନେକଥର ଧୋକା ଖାଇସାରିଲିଣି। ତଥାପି ପ୍ରେମ ନିଶା ଖସୁନାହିଁ। କ'ଣ କରିବି ? *–ଦେବେନ୍ଦ୍ର କୁମାର, ପାରାଦୀପ,ଜଗତ୍‌ସିଂହପୁର*

**ଉତ୍ତର :** ଜିରୋରେ ଯଦି ବାରମ୍ବାର ଆଉଟ୍ ହେଉଛନ୍ତି ତାକୁ ନେଇ ଗୋଡ ପଛକୁ ପକାନ୍ତୁ ନାହିଁ। ଆପଣ ଯେତେଜଣଙ୍କୁ ପ୍ରେମ ନିବେଦନ କରିଛନ୍ତି ସବୁଗୁଡିକ ବୋଧହୁଏ ରଂନମ୍ବର ଥିଲା। ଝିଅଙ୍କ ମୁହଁରେ ଫୁଟି ଉଠୁଥିବା ସବୁ ହସ ସିନା ଗୋଲାପି ଗୋଲାପି ଲାଗେ, ହେଲେ ସବୁଗୁଡିକରେ ପ୍ରେମ ନ ଥାଏ। ଏମିତି ଝିଅଟିଏ ଦେଖି ତାକୁ ମନର କଥା କୁହନ୍ତୁ, ଯାହାର ଚାହାଣିରେ କେବଳ ପ୍ରେମ କାହାଣୀ ଲେଖା ହୋଇଥିବ। ଆଉ ଏକ କଥା, ପ୍ରେମ ନିବେଦନ ତରିକା ବି ଠିକ୍ ଠାକ୍ ରହିବା ଦରକାର। ନ ହେଲେ ଆରମ୍ଭରୁ ସବୁକିଛି ଗଡବଡ ହୋଇଯାଇଥାଏ।

**ପ୍ରଶ୍ନ**–ଜଣେ ଝିଅ ମୋତେ ଦେଖିଲେ ହସୁଛି। ଚିଠି ଦେଲି ନେଲା, ଗୋଲାପ ଫୁଲ ଦେଲି ନେଲା। ହେଲେ ଏବେ ତା' ବ୍ୟବହାର କେମିତି କେମିତି ଲାଗୁଛି। *–ଅନିକେତ, ରାଉରକେଲା*

**ଉତ୍ତର :** ସବୁ ଠିକ୍ ଯେ, ସେ ଝିଅ ଆଖିରେ ଫୁଟି ଉଠିଥିବା ପ୍ରେମର ପରିଭାଷାକୁ ବୋଧହୁଏ ଆପଣ ପଢ଼ିବାରେ କେଉଁଠି ଭୁଲ କରିଦେଇଛନ୍ତି। କାରଣ ବେଳେବେଳେ ଏମିତି ବାରମାସୀ ପ୍ରେମିକା ମୁହଁ ବୁଲାଇ ଚାଲିଯିବାର ନଜୀର ଅନେକ ରହିଛି। ଯଦି ସେ ଝିଅ ସହ ପ୍ରେମ ଆପଣଙ୍କୁ ଠିକ୍ ଲାଗୁନାହିଁ ତେବେ ଚ୍ୟାନେଲ ଚେଞ୍ଜ କରିଦିଅନ୍ତୁ ନା !

**ପ୍ରଶ୍ନ**–ମୋ ପ୍ରେମିକାକୁ ଲକ୍ଷ୍ୟ କରି ଅନେକ କବିତା ଲେଖିଛି। ହେଲେ ମୋ ମନ ଲାଖି ପ୍ରେମିକାଟିଏ ମିଳୁନାହାନ୍ତି। କ'ଣ କରିବି ? *–ମନୋଜ କୁମାର, ଅନୁଗୋଳ*

**ଉତ୍ତର :** ପ୍ରଥମେ ମନଲାଖି ପ୍ରେମିକାଟିଏ ଖୋଜନ୍ତୁ। ଯଦି ସବୁ କିଛି ଠିକ୍‌ଠାକ୍ ଚାଲିଲା ତେବେ ତାକୁ ସେ ପ୍ରେମ କବିତା ଶୁଣାନ୍ତୁ। ହୁଏତ ତା' ରିମାର୍କ ଆପଣଙ୍କୁ ଭବିଷ୍ୟତରେ ଜଣେ କବି ଭାବରେ ପରିଚିତ କରାଇପାରେ। ବାସ୍, ପ୍ରଥମେ ପ୍ରେମିକା ଖୋଜିବା ଆରମ୍ଭ କରିଦିଅନ୍ତୁ।

**ପ୍ରଶ୍ନ**–ମୋ ସାଙ୍ଗ କହୁଛନ୍ତି, 'ପ୍ରେମ କରିବା ପାପ। ପ୍ରେମ କଲେ କେବଳ ଧୋକା ହିଁ ମିଳିଥାଏ।' ତେଣୁ ପ୍ରେମ କରିବାକୁ ମନ କୁତୁକୁତୁ ହେଉଥିଲେ ମଧ୍ୟ ଭାଙ୍ଗି ଯାଉଛି। *–ରବୀନ୍ଦ୍ର, ସୁନାବେଡ଼ା*

**ଉତ୍ତର :** ତତଲା ପାଣିରେ କେବେ ଘର ପୋଡିଛି ? ପ୍ରେମକୁ ନେଇ କିଏ କ'ଣ କହିଲା ତାକୁ ନେଇ ମନ ମାରି ବସିଲେ କ'ଣ ହେବ କହିଲେ । ଆପଣ ଯାହା ଚାହୁଁଛନ୍ତି ତାହା ସେମିତି ଆଶାରେ ହିଁ ରହିଯିବ। ପ୍ରେମକୁ ଯିଏ ଭିନ୍ନ ଦୃଷ୍ଟିରେ ଦେଖନ୍ତି ସେମାନଙ୍କ ପାଇଁ ହୁଏତ ପ୍ରେମ ପାପ ହୋଇପାରେ। ହେଲେ ପ୍ରେମ ସବୁବେଳେ ନିର୍ମଳ। ମନ ସ୍ୱଚ୍ଛ ଥିଲେ ପ୍ରେମ ସବୁବେଳେ ସଜଫୁଟା ଗୋଲାପ ପରି ଲାଗିଥାଏ। ବାକି ରହିଲା ଧୋକା କଥା। ନିଜ ପ୍ରେମ ଉପରୁ ଯେତେବେଳେ ବିଶ୍ୱାସ ତୁଟିଯାଏ ସେତେବେଳେ ଚାରିପଟରୁ ଅବିଶ୍ୱାସର ଭାଇରସ ମାଡି ଆସିଥାଆନ୍ତି। ପ୍ରେମ ଉପରୁ ବିଶ୍ୱାସ ଯେତିକି କମି କମି ଯାଏ ସେହି ଅନୁସାରେ ତାହାର ଫଳ ମିଳେ। ତେଣିକି ତାହା ଧୋକା ହୋଇପାରେ। ବାସ୍, ନିଜ ମନ ଆଉ ପ୍ରେମକୁ ସବୁବେଳେ ଭାଇରସ-ଫ୍ରି ରଖିବାକୁ ଚେଷ୍ଟା କରନ୍ତୁ।




## ପ୍ରଥମ ରୋଜଗାର


# ପ୍ରଥମ ଦରମା ମା'ଙ୍କୁ ଦେଇଥିଲି



କବି ତଥା ନାଟ୍ୟ ଅଭିନେତା **ବିପିନ ବିହାରୀ ନନ୍ଦ** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

ଦେବଗଡ଼ ସହରର ଶାସନ ସାହିରେ ମୋ ଜନ୍ମ। ସ୍ଥାନୀୟ ବାଳକ ପ୍ରାଥମିକ ବିଦ୍ୟାଳୟରେ ୩ୟ ପର୍ଯ୍ୟନ୍ତ ପଢ଼ିବା ପରେ ରାଜା ବାସୁଦେବ ଉଚ୍ଚବିଦ୍ୟାଳୟରେ ନାଁ ଲେଖାଇଲି। ସେଠାରେ ଦଶମ ପର୍ଯ୍ୟନ୍ତ ପଢ଼ିଲି। ପିଲାଦିନରୁ ମୋର ଖେଳ ପ୍ରତି ବିଶେଷ ଆକର୍ଷଣ ଥିଲା। ଫୁଟବଲ୍ ଓ ଭଲିବଲ୍ ଥିଲା ମୋର ପ୍ରିୟ ଖେଳ। ବାସୁଦେବ ଉଚ୍ଚବିଦ୍ୟାଳୟରେ ପଢ଼ିବା ସମୟରେ ବାର୍ଷିକ କ୍ରୀଡ଼ାରେ ଅଧିକାଂଶ ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରୁଥିଲି ଓ ଲଗାତାର ୩ ବର୍ଷ ଚାମ୍ପିୟନ ମଧ୍ୟ ହୋଇଥିଲି। ବିଦ୍ୟାଳୟର ବାର୍ଷିକ କ୍ରୀଡ଼ାରେ ଖେଳିବା ସହିତ ଅନେକ ସମୟରେ ଫୁଟବଲ୍, ଭଲିବଲ୍ ଖେଳିବା ପାଇଁ ପଡୋଶୀ ଉପଖଣ୍ଡ ଯଥା କୋଚିଣ୍ଡା, ଝାରସୁଗୁଡ଼ା, ବଣାଇଁ, ରେଢ଼ାଖୋଲ, ପାଲଲହଡ଼ା ଇତ୍ୟାଦି ସ୍ଥାନକୁ ଯାଇଥିଲି ଓ ପ୍ରଶଂସିତ ମଧ୍ୟ ହୋଇଥିଲି। ପାଠପଢ଼ା, ଖେଳକୁଦ ସାଙ୍ଗକୁ ପିଲାଙ୍କୁ ଟ୍ୟୁଶନ ବି କରୁଥିଲି। କାରଣ ବାପା ଥିଲେ ଜଣେ ସ୍ୱଳ୍ପ ବେତନଭୋଗୀ ସରକାରୀ କର୍ମଚାରୀ (ଫରେଷ୍ଟ ଗାର୍ଡ)। ଆଉ ଆମେ ଥିଲୁ ୭ ଭଉଣୀଭାଇ (୪ ପୁଅ ଓ ୩ ଝିଅ)। ତେଣୁ ଏତେ ବଡ଼ ପରିବାରର ଗୁଜୁରାଣ ମେଣ୍ଟାଇବାକୁ ବାପାଙ୍କର ଦରମା ଯଥେଷ୍ଟ ହେଉ ନ ଥିଲା। ସେଥିପାଇଁ ମୁଁ ନିଜେ ପଢ଼ିବା ସହ ଟ୍ୟୁଶନ କରିବା ଆରମ୍ଭ କରିଦେଇଥିଲି। ଯଦ୍ଦ୍ୱାରା ଘରଖର୍ଚ୍ଚରେ କିଛିଟା ସହଯୋଗ ହୋଇଯାଉଥିଲା। ଏମିତିରେ ୧୯୬୩ରେ ଦଶମ ପାସ୍ କରିବା ପରେ ୧୯୬୫ରେ ଏସ୍‌ଡିଓ (ଆଜିର ଉପଜିଲାପାଳ) ଅଫିସରେ କିରାଣି ଭାବେ ଚାକିରି କଲି। ପ୍ରଥମ ଦରମା ୯୯ଟଙ୍କା ୧୫ ପଇସା ପାଇଲି। ଟଙ୍କାକୁ ଆଣି ଯେବେ ମା' ହାତରେ ଧରେଇ ଦେଲି, ତା'ର ଆନନ୍ଦ କହିଲେ ନସରେ। ତା'ପରଦିନ ସକାଳୁ ମା' ସେହି ଦରମାରୁ କିଛି ଟଙ୍କା ନେଇ ନଡିଆ, କଦଳୀ ଇତ୍ୟାଦି କିଣିବା ସହ ମୋତେ ସାଙ୍ଗରେ ଧରି ସ୍ଥାନୀୟ ଗୋକର୍ଣ୍ଣେଶ୍ୱର ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରିଥିଲା। ଏହା ପରେ ବି ପ୍ରତ୍ୟେକ ମାସର ଦରମାରୁ କିଛି ଟଙ୍କା ହାତଖର୍ଚ୍ଚ ପାଇଁ ରଖି ଅବଶିଷ୍ଟ ଟଙ୍କା ମା'ଙ୍କୁ ଦେଇ ଦେଉଥିଲି। ତେବେ ସେତେବେଳେ ସକାଳୁଆ କଲେଜ ହେଉଥିଲା। ତେଣୁ ଚାକିରି କରିବା ସହ ଆଗକୁ ପଢ଼ିବା ପାଇଁ କଲେଜରେ ନାଁ ଲେଖାଇଲି। କିନ୍ତୁ ପାଠପଢ଼ା ସହ ଚାକିରି କରିବାରେ ଅସୁବିଧା ଉପୁଜିବାରୁ ବର୍ଷେ ପରେ ପାଠପଢା ବନ୍ଦ କରିଦେଲି। ହେଲେ ନିଜର କାର୍ଯ୍ୟଦକ୍ଷତା ବଳରେ ଖୁବ୍ କମ୍ ଦିନ ଭିତରେ ବିଭିନ୍ନ ଅଫିସ୍‌ରେ ଉଚ୍ଚ କର୍ତ୍ତୃପକ୍ଷ ମାନଙ୍କର ପ୍ରିୟଭାଜନ ହୋଇଗଲି। ଏହିପରି ଭାବେ ଚାକିରି ଜୀବନ ଅତିବାହିତ କରି ଶେଷରେ ୨୦୦୨ ଅଗଷ୍ଟ ମାସରେ ଉପଜିଲାପାଳ ଅଫିସ୍‌ରୁ ମୁଖ୍ୟ କିରାଣି ଭାବେ ଅବସର ଗ୍ରହଣ କଲି । ଅବସର ପରେ କବିତା ଲେଖିଲି। 'ଗରମ ମୁଢ଼ି' ଥିଲା ମୋର ପ୍ରଥମ କବିତା। ଯା' ଭିତରେ ପ୍ରାୟ ୮୦ଟି କବିତା ଲେଖି ସାରିଲିଣି ଆଉ ସେଗୁଡ଼ିକ ମୁଖ୍ୟତଃ ବ୍ୟଙ୍ଗାତ୍ମକ, ଆଧୁନିକ, ଶିଶୁକବିତା ତଥା ଭଜନ ଉପରେ ଆଧାରିତ। ସେହିପରି ଅନେକ କବି ସମ୍ମିଳନୀରେ ଭାଗ ନେଇ ବିଭିନ୍ନ ସାହିତ୍ୟ ଅନୁଷ୍ଠାନ ତରଫରୁ ପ୍ରଶଂସିତ ଓ ସମ୍ମାନିତ ମଧ୍ୟ ହୋଇସାରିଲିଣି। ଅନ୍ୟପକ୍ଷେ ପିଲାଦିନରୁ ଆରମ୍ଭ କରି ଆଜି ପର୍ଯ୍ୟନ୍ତ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ମଞ୍ଚ ନାଟକରେ ବିଭିନ୍ନ ଭୂମିକାରେ ଅଭିନୟ କରିସାରିଲିଣି। ଖାସ୍ କରି ମୋର ହାସ୍ୟ ଅଭିନୟ ଦର୍ଶକଙ୍କୁ ଖୁବ୍ ଆକୃଷ୍ଟ କରିଥାଏ। ମୋ ଅଭିନୀତ କେତୋଟି ପ୍ରମୁଖ ନାଟକ ମଧ୍ୟରେ ରହିଛି, 'ଚକ୍ରି, ବବ୍ରୁବାହନ, ଜଳନ୍ଧର ବଧ, ସମରାସୁର ବଧ, କାଳକେତୁ-ଫୁଲ୍ଲରା, ଦାନବୀର ହରିଶ୍ଚନ୍ଦ୍ର, ରାମାୟଣ, କଂସା କବାଟ, ତାଜମହଲର ଶିଳ୍ପୀ, ଅଭିଶପ୍ତ ଘୁଙ୍ଗୁର, ମାଂସର ଫୁଲ' ଇତ୍ୟାଦି। ଏଇ ନିକଟରେ 'ବାପା ବନାମ ଡାଡ୍' ନାଟକରେ ଅଭିନୟ କରି ଦର୍ଶକଙ୍କର ଖୁବ୍ ପ୍ରଶଂସା ପାଇଛି। ଆଉ ବର୍ତ୍ତମାନ ମୁଁ ବାମଣ୍ଡା କଳାକାର ସଂଘର ସଭାପତି ଦାୟିତ୍ୱ ତୁଲାଉଅଛି।

**–ଶଶାଙ୍କ ଶେଖର ଝାଙ୍କର**










# ସେଲିବ୍ରିଟିଙ୍କ ପରଫ୍ୟୁମ୍

ଅନ୍‌ସ୍କ୍ରିନ୍ ହେଉକି ଅଫ୍‌ସ୍କ୍ରିନ୍, ସେଲିବ୍ରିଟିମାନେ ସବୁବେଳେ ପରଫେକ୍ଟ ଦେଖାଯିବାକୁ ଚେଷ୍ଟା କରନ୍ତି । ତେଣୁ ମେକ୍‌ଅପ୍‌ଠୁ ଆରମ୍ଭ କରି ଆଉଟ୍‌ଫିଟ୍, ଆସେସରିଜ୍ ପ୍ରତି ଧ୍ୟାନ ଦେବା ସହ ଗହଳି ଭିତରେ ବାରି ହୋଇପଡିବା ଲାଗି ଖାସ୍ ପରଫ୍ୟୁମ୍ ବି ବ୍ୟବହାର କରନ୍ତି । ଜାଣନ୍ତୁ ବଲିଉଡ୍ ଡିଭାମାନେ ବ୍ୟବହାର କରୁଥିବା କିଛି ଖାସ୍ ପରଫ୍ୟୁମ୍ ସମ୍ପର୍କରେ...






**କଙ୍ଗନା ରାଣାୱତ୍**–ସବୁବେଳେ କଣ୍ଟ୍ରୋଭର୍ସିରେ ରହୁଥିବା ତଥା ଛୋଟିଆ ସହରରୁ ଆସି ସୁପରଷ୍ଟାର ହୋଇପାରିଥିବା କଙ୍ଗନା ମହକନ୍ତି ‘ଚ୍ୟାନେଲ୍ ନଂ ୫’ ନାମକ ପର୍‌ଫ୍ୟୁମ୍‌ରେ । ଏହି ସିଗ୍‌ନେଚର୍ ପର୍‌ଫ୍ୟୁମ୍‌ର ୧୦୦ମି.ଲିର ମୂଲ୍ୟ ହେଉଛି ୧୦,୦୦୦ଟଙ୍କା ।

**କ୍ୟାଟ୍ରିନା କୈଫ**– କ୍ୟାଟ୍ରିନାଙ୍କ ପସନ୍ଦର ପର୍‌ଫ୍ୟୁମ୍ ହେଉଛି ‘ଗୁସି ରସ୍’ । ୧୯୯୯ରେ ଲୋକାର୍ପିତ ହୋଇଥିବା ଏହି ପର୍‌ଫ୍ୟୁମ୍‌ର ୭୫ମି.ଲିର ମୂଲ୍ୟ ୫୦୦୦ଟଙ୍କା । ଏହାର ତାଜା ପ୍ରସ୍ଫୁଟିତ ଫୁଲର ମହକ କ୍ୟାଟ୍ରିନାଙ୍କୁ ବହୁତ ଭଲ ଲାଗିଥାଏ ।

**ଆଲିଆ ଭଟ୍ଟ**– କ୍ୟୁଟ୍ ଆଲିଆ ଭଟ୍ଟ ପଡିଛନ୍ତି ‘ଅର୍ମାନି କୋଡ୍’ ପର୍‌ଫ୍ୟୁମ୍ ପ୍ରେମରେ । ଉକ୍ତ ପର୍‌ଫ୍ୟୁମ୍ ପୁରୁଷଙ୍କ ପାଇଁ ଉଦ୍ଦିଷ୍ଟ ହୋଇଥିଲେ ହେଁ ଆଲିଆଙ୍କୁ ବହୁତ ଭଲ ଲାଗେ । ତେଣୁ ସେ ଏହାକୁ ବ୍ୟବହାର କରନ୍ତି । ଏହାର ମୂଲ୍ୟ ହେଉଛି ୫୦୦୦–୫୫୦୦ଟଙ୍କା ।

**କରିନା କପୁର ଖାଁ**– କରିନାଙ୍କ ପସନ୍ଦ ‘ଜିନ୍ ପଲ୍ ଗଲ୍ଟିୟର୍‌ଙ୍କ କ୍ଲାସିକ୍’ ପର୍‌ଫ୍ୟୁମ୍, ଯାହାର ମୂଲ୍ୟ ହେଉଛି









୫୦୦୦ ଟଙ୍କା ।

**ସୋନମ୍ କପୁର**– ଫ୍ରୁଟି ସ୍ମେଲ୍ ତଥା ଫଳର ମହକ ହେଉଥିବା ‘ମାଇକେଲ୍ କୋର୍ସ’ ପର୍‌ଫ୍ୟୁମ୍ ସୋନମ୍‌ଙ୍କର ଭାରି ପ୍ରିୟ । ଏହାର ୧୦୦ମି.ଲି.ର ମୂଲ୍ୟ ହେଉଛି ୬,୫୦୦ଟଙ୍କା ।

**ଐଶ୍ୱର୍ଯ୍ୟା ରାୟ ବଚ୍ଚନ**– ଯାହାଙ୍କ ଲୁକ୍ ଓ ମହକ ଆତ୍ମବିଶ୍ୱାସରେ ଭରା, ସେ ହେଉଛନ୍ତି ଐଶ୍ୱର୍ଯ୍ୟା । ତେବେ ଏହି ବ୍ୟୁଟି କୁଇନ୍‌ଙ୍କ ପସନ୍ଦର ପର୍‌ଫ୍ୟୁମ୍ ହେଉଛି ‘କ୍ଲିନିକ୍ୟୁ ହାପି’ । ପର୍‌ଫ୍ୟୁମ୍‌ରୁ ହେଉଥିବା ତାଜା ସକାଳର ଫ୍ରୁଟି ଫ୍ଲାୱାରି ସୁଗନ୍ଧ, ଐଶ୍ୱର୍ଯ୍ୟାଙ୍କୁ ମତୁଆଲା କରିଥାଏ । ଏହି ପର୍‌ଫ୍ୟୁମ୍‌ର ୧୦୦ ମି.ଲି.ର ମୂଲ୍ୟ ହେଉଛି ୪୦୦୦ଟଙ୍କା ।

**ପ୍ରିୟଙ୍କା ଚୋପ୍ରା**– ପିସିଙ୍କର ପସନ୍ଦ ‘ରାଲ୍‌ଫ ଲୌରେନ୍ ରୋମାନ୍ସ’ ପର୍‌ଫ୍ୟୁମ୍ । ହେରି ଫ୍ରେମଣ୍ଟ ତିଆରି କରିଥିବା ଉକ୍ତ ପର୍‌ଫ୍ୟୁମ୍‌ର ୧୦୦ମି.ଲି.ର ମୂଲ୍ୟ ହେଉଛି ୫୦୦୦ଟଙ୍କା ।

**ଶିଳ୍ପା ସେଟ୍ଟୀ**– ୧୯୯୯ରେ ଫ୍ରାନ୍ସିସ୍ କୁର୍କଜିଆନ୍ ତିଆରି କରିଥିବା ‘ଏଲିଜାବେଥ୍ ଆର୍ଡେନ୍ ଗ୍ରୀନ୍ ଟି’ ପର୍‌ଫ୍ୟୁମ୍ ଶିଳ୍ପା ସେଟ୍ଟୀଙ୍କର ବେଶ୍ ପ୍ରିୟ । ଶିଳ୍ପା ନିଜେ ‘ଏସ୍ ୨’ ନାମକ ଏକ ପର୍‌ଫ୍ୟୁମ୍ ବ୍ରାଣ୍ଡର ମାଲିକାଣୀ ହୋଇଥିଲେ ହେଁ ତାଙ୍କର ପ୍ରିୟ ପର୍‌ଫ୍ୟୁମ୍ ହେଉଛି ‘ଏଲିଜାବେଥ୍ ଆର୍ଡେନ୍ ଗ୍ରୀନ୍ ଟି’ ।

**ଦୀପିକା ପାଦୁକୋନ୍**– ଦୀପିକା ଗୋଟିଏ ନୁହେଁ ତିନୋଟି ବ୍ରାଣ୍ଡର ପର୍‌ଫ୍ୟୁମ୍ ପସନ୍ଦ କରନ୍ତି । ସେଗୁଡିକ ହେଉଛି ହୁଗୋ ବସ୍, ରାଲ୍‌ଫ ଲୌରେନ୍ ଏବଂ ଏଷ୍ଟି ଲୌଡେର୍ । କେତେବେଳେ କେଉଁ ପର୍‌ଫ୍ୟୁମ୍ ବ୍ୟବହାର କଲେ ତାଙ୍କ ମହକରେ ସମସ୍ତେ ମତୁଆଲା ହୋଇଯିବେ ତାହା ସେ ବେଶ୍ ଜାଣନ୍ତି ।





ଟ୍ୱିଙ୍କଲ୍

## ସୂଚନା

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧
ଫଟୋ ସୌଜନ୍ୟ: କୁମାର ଶରତ, ଧରିତ୍ରୀ

# ହାଃ ହାଃ

## ଓଏଲ୍ ଏକ୍ସ

ଯୁବକ ଜଣେ ଯୁବତୀଙ୍କୁ-ଆଇ ଲଭ୍ ୟୁ।
ଯୁବତୀ- ମୋର ବୟଫ୍ରେଣ୍ଡ ଅଛନ୍ତି।
ଯୁବକ- ତାକୁ ଓଏଲ୍‌ଏକ୍ସରେ ବିକ୍ରି କରିଦିଅ। ପୁରୁଣା ଗଲେ ହିଁ ତ ନୂଆ ଆସିବ।

## ରାଇଟର୍

ବରୁଣ ଯୁବତୀଙ୍କୁ-କ'ଣ କରନ୍ତି ଆପଣ ?
ଯୁବତୀ-ମୁଁ ଜଣେ ରାଇଟର୍ ।
ବରୁଣ- ବହୁତ ଭଲ, କ'ଣ ଲେଖନ୍ତି ?
ଯୁବତୀ- ଫେସ୍‌ବୁକ୍, ହ୍ୱାଟ୍ସଆପ୍, ଟୁଇଟର୍‌ରେ ହାଏ ହ୍ୟାଲୋ...।

## ଇତିହାସ

ସନ୍ତୋଷ ମଣ୍ଟୁକୁ- ତୋର ଇତିହାସ ପରୀକ୍ଷା କେମିତି ହେଇଛି ?
ମଣ୍ଟୁ- ବହୁତ ଖରାପ।
ସନ୍ତୋଷ-କାହିଁକି ?
ମଣ୍ଟୁ- ବଦ୍‌ମାସ୍‌ମାନେ ମୁଁ ଜନ୍ମ ହେଇ ନ ଥିବା ସମୟର ପ୍ରଶ୍ନ ପଚାରିଥିଲେ। ଲେଖିଥାଆନ୍ତି କେମିତ ?





# ବାଲପକ୍ରମ ଜାତୀୟ ଉଦ୍ୟାନ

ପ୍ରାକୃତିକ ସୌନ୍ଦର୍ଯ୍ୟର ଗନ୍ତାଘର କୁହାଯାଉଥିବା ମେଘାଳୟରେ ନଦୀ, ଝରଣା, ପାହାଡ଼, ଘାଟି ତଥା ଘଞ୍ଚ ଜଙ୍ଗଲର ଦୃଶ୍ୟ ବେଶ୍ ଆକର୍ଷିତ କରିଥାଏ ପର୍ଯ୍ୟଟକଙ୍କୁ। ସେଥିପାଇଁ ତ ବ୍ୟସ୍ତବହୁଳ ଜୀବନରୁ ଟିକେ ଫୁରସତ୍ ମିଳିଲେ ଦୂରଦୂରାନ୍ତରୁ ଆଗନ୍ତୁକ ଏଠାକୁ ଛୁଟି କଟାଇବା ପାଇଁ ଧାଇଁ ଆସିଥାନ୍ତି। ତା'ଛଡ଼ା ଏଠାକାର ବନ୍ୟ ଜୀବଜଗତ ବି କିଛି କମ୍ ଆକୃଷ୍ଟ କରି ନ ଥାଏ ପର୍ଯ୍ୟଟକଙ୍କୁ। ବାଲପକ୍ରମ ଜାତୀୟ ଉଦ୍ୟାନ ହେଉଛି ଏଠାକାର ସେମିତି ଏକ ବନ୍ୟପ୍ରାଣୀ ଅଭୟାରଣ୍ୟ, ଯାହାର କଥା ହିଁ କିଛି ନିଆରା। ଏହାକୁ କେହି କେହି ବଲଫକ୍ରମ ଜାତୀୟ ଉଦ୍ୟାନ ବୋଲି ମଧ୍ୟ କହିଥାନ୍ତି।

## ଉଦ୍ୟାନ ସମ୍ପର୍କରେ

ସମୁଦ୍ରପତ୍ତନଠାରୁ ପ୍ରାୟ ୩ ହଜାର ଫୁଟ ଉଚ୍ଚତାରେ ଥିବା ଏହି ବନ୍ୟପ୍ରାଣୀ ଅଭୟାରଣ୍ୟଟିକୁ ୨୭ ଡିସେମ୍ବର ୧୯୮୭ରେ ଜାତୀୟ ଉଦ୍ୟାନର ମାନ୍ୟତା ମିଳିଥିଲା। ମେଘାଳୟର ଗାରୋ ହିଲ୍ସ ନିକଟରେ ଅବସ୍ଥିତ ଏହି ଉଦ୍ୟାନଟି ପ୍ରାୟ ୨୨୦ ବର୍ଗ କି.ମି ପରିସୀମାବ୍ୟାପ୍ତ ଅଞ୍ଚଳ ଉପରେ ଗଢ଼ିଉଠିଛି। ଏଠାରେ ବିଭିନ୍ନ ବନସ୍ପତି, ଜଙ୍ଗଲି ଜୀବ ତଥା ଜାତିଜାତିକା ପକ୍ଷୀ ଦେଖିବାକୁ ମିଳିଥାନ୍ତି। ଜଙ୍ଗଲି ଜୀବଙ୍କ ମଧ୍ୟରେ ବାଘ, ହାତୀ, ଜଙ୍ଗଲି ମଇଁଷି, ସାମାନ୍ୟ ନାଲି ରଙ୍ଗର ପାଣ୍ଡା, ବୋବାଉଥିବା ହରିଣ ଇତ୍ୟାଦି ଏଠାରେ ଦେଖିବାକୁ ମିଳିଥାଏ। ସେହିପରି ଏଠାରେ ଦେଖିବାକୁ ମିଳୁଥିବା ପ୍ରାୟ ୮ ପ୍ରଜାତିର ବିଲେଇ ଖାସ୍ କରି ସୁନେଲି ରଙ୍ଗର ଜଙ୍ଗଲି ବିଲେଇ ଆଗନ୍ତୁକଙ୍କୁ ଖୁବ୍ ଆକୃଷ୍ଟ କରିଥାଏ। ତା'ଛଡ଼ା ପକ୍ଷୀବିହାର ପାଇଁ ମଧ୍ୟ ଏଠାରେ ଭଲ ସୁବିଧା ରହିଛି। ଉଦ୍ୟାନ ମଧ୍ୟରେ ଥିବା ଝରଣା ଓ ନଦୀ ସ୍ଥାନୀୟ ପକ୍ଷୀଙ୍କ ବ୍ୟତୀତ ବିଦେଶାଗତ ପକ୍ଷୀଙ୍କୁ ବି ବହୁ ମାତ୍ରାରେ ଆକର୍ଷିତ କରିଥାଏ। ଅନ୍ୟପକ୍ଷେ ଉକ୍ତ ଉଦ୍ୟାନ ମଧ୍ୟରେ ବହୁ ଔଷଧୀୟ ବୃକ୍ଷ ମଧ୍ୟ ଦେଖିବାକୁ ମିଳେ।

## କେବେ ଆସିବେ

ପାହାଡ଼ ଜଙ୍ଗଲ ଘେରା ଏହି ଉଦ୍ୟାନକୁ ବର୍ଷାଦିନ ଛାଡି ବାକି ଅନ୍ୟ ସମୟରେ ବୁଲିବାକୁ ଯାଇହେବ। ତେବେ ସ୍ଥାନୀୟ ପାଣିପାଗ ସୂଚନାକେନ୍ଦ୍ର ଅନୁଯାୟୀ, ଏଠାକୁ ଯିବା ପାଇଁ ନଭେମ୍ବରରୁ ମେ' ହେଉଛି ସବୁଠୁ ଭଲ ସମୟ। କାରଣ ଏହି ସମୟରେ ଏଠାକାର ପାଣିପାଗ ବୁଲାବୁଲି କରିବା ପାଇଁ ବେଶ୍ ଅନୁକୂଳ ରହିଥାଏ।





## କେମିତି ଯିବେ

ଏଠାକୁ ପରିବହନର ତିନୋଟି ମାଧ୍ୟମରେ ଯାଇହେବ। ତେବେ ଗୁଆହାଟୀ ଏୟାରପୋର୍ଟ ଓ ଗୁଆହାଟୀ ରେଲ୍‌ୱେ ଷ୍ଟେଶନ ହେଉଛି ଏହାର ନିକଟତମ ମୁଖ୍ୟ ବିମାନବନ୍ଦର ଓ ରେଳଷ୍ଟେଶନ, ଯାହା ବାଲପକ୍ରମ ଜାତୀୟ ଉଦ୍ୟାନଠାରୁ ପ୍ରାୟ ୨୨୦ କି.ମି ଦୂରରେ ଅବସ୍ଥିତ। ଏଠାରୁ ପୁଣି ପର୍ଯ୍ୟଟକଙ୍କୁ ଟ୍ୟାକ୍ସି କିମ୍ବା ବସ୍ ଯୋଗେ ମେଘାଳୟସ୍ଥିତ ଦୁଇଟି ପ୍ରମୁଖ ସହର ତୁରା କିମ୍ବା ବାଘମରା ଯିବାକୁ ହୁଏ, ଯଦ୍ୱାରା ସେଠାରୁ ବାଲପକ୍ରମ ଜାତୀୟ ଉଦ୍ୟାନକୁ ଯିବା ପାଇଁ ପର୍ଯ୍ୟଟକଙ୍କୁ ଖୁବ୍ ସୁବିଧା ହୋଇଥାଏ।

## ଫଟୋଗ୍ରାଫିର ମଜା ନେବେ

ପ୍ରକୃତିର ଅପରୂପ ସୌନ୍ଦର୍ଯ୍ୟରେ ଭରା ଏହି ଉଦ୍ୟାନଟି ଉଭୟ ପ୍ରକୃତିପ୍ରେମୀ ତଥା ଦୁଃସାହସିକ ପର୍ଯ୍ୟଟନରେ ରୁଚି ରଖୁଥିବା ପର୍ଯ୍ୟଟକଙ୍କୁ ଖୁବ୍ ଆକୃଷ୍ଟ କରିଥାଏ। ଉଦ୍ୟାନରେ ଥିବା ଜାତିଜାତିକା ପଶୁପକ୍ଷୀଙ୍କୁ ଦେଖିବା ସହ ଆଗନ୍ତୁକ ଗାରୋ ହିଲ୍ସର ସୌନ୍ଦର୍ଯ୍ୟକୁ ମଧ୍ୟ ଉପଭୋଗ କରିପାରିବେ। ତା'ଛଡ଼ା ଫଟୋଗ୍ରାଫି ପାଇଁ ବି ଏଠାରେ ଭଲ ସୁବିଧା ରହିଛି।

## ଏଣ୍ଟ୍ରି ଟିକେଟ କାଟିବେ

ଉଦ୍ୟାନ ମଧ୍ୟକୁ ପ୍ରବେଶ କରିବା ପାଇଁ ପର୍ଯ୍ୟଟକଙ୍କୁ ଏଣ୍ଟ୍ରି ଟିକେଟ କାଟିବାକୁ ହୋଇଥାଏ। ସେହିପରି ରହିବା ପାଇଁ ବି ଏଠାରେ ଫରେଷ୍ଟ ରେଷ୍ଟ ହାଉସ୍‌ର ସୁବିଧା ରହିଛି, କିନ୍ତୁ ସେଥିପାଇଁ ପୂର୍ବରୁ ବୁକିଂ କରିବାକୁ ହୋଇଥାଏ।





# ଝଡ଼ିଗଲା କୁକୁରର କାନ



ଆଜିକାଲି କୁକୁର ମାଲିକମାନେ ନିଜ କୁକୁରକୁ ଷ୍ଟାଇଲିଶ୍ ଲୁକ୍ ଦେବାକୁ କେତେ କ'ଣ କରୁଛନ୍ତି। ଷ୍ଟାଇଲିଶ୍ ପୋଷାକ ସହ ବିଭିନ୍ନ ଆସେସରିଜ୍ ଏମିତିକି ସେମାନଙ୍କ କେଶକୁ ବିଭିନ୍ନ ରଙ୍ଗ ଓ ରୂପ ଦେଉଛନ୍ତି। ଥାଇଲାଣ୍ଡର ଜଣେ କୁକୁର ମାଲିକ ବି ନିଜ କୁକୁରକୁ ସ୍ମାର୍ଟ ଲୁକ୍ ଦେବାଲାଗି କାନକୁ ଲାଲ ରଙ୍ଗରେ ରଙ୍ଗେଇଥିଲେ। ହେଲେ ତାହା ସେଇ କୁକୁର ପାଇଁ କାଳ ସାଜିଲା। ସୁନ୍ଦର ଦେଖାଯିବା ବଦଳରେ କୁକୁରର କାନ ସଂକ୍ରମଣର ଶିକାର ହେଲା। ଏମିତିକି ଶେଷରେ ତାହା ଛିଣ୍ଡିଗଲା। କୁକୁରର ମାଲିକାଣୀ ଯେବେ ତାଙ୍କ ପ୍ରିୟ କୁକୁରକୁ ଗ୍ରୁମିଂ ସାଲୋନ୍ ନେଇଯାଇଥିଲେ, ସେଠାରେ ସେମାନେ ତା'ର କାନ ଓ ଲାଞ୍ଜରେ ଲାଲ ରଙ୍ଗର ଡାଇ ଲଗାଇ ଆଲୁମିନିୟମ୍ ଫଏଲ୍‌ରେ ଗୁଡ଼ାଇ ୪୦ ମିନିଟ ରଖିଥିଲେ। ଏହାପରେ ସେ ପ୍ରିୟ କୁକୁରର ଲୁକ୍ ଦେଖି ବେଶ୍ ଖୁସି ହୋଇଯାଇଥିଲେ। କିନ୍ତୁ କିଛି ସମୟପରେ ସେ ଲକ୍ଷ୍ୟକଲେ କୁକୁରଟିର କାନରେ ଆଲର୍ଜି ହୋଇ କୁଣ୍ଡାଇହେବା ସହ କଳା ପଡ଼ିଗଲା ଓ ଠିଆହୋଇ ନ ରହି ନଇଁ ରହିଲା। ତେଣୁ ସେ ସୋସିଆଲ ମିଡିଆରେ ପୂର୍ବରୁ ଡାଇ କରାଇଥିବା ମାଲିକଙ୍କଠାରୁ ପରାମର୍ଶ ମାଗିଥିଲେ। ହେଲେ କୌଣସି ପରାମର୍ଶ କାମ ଦେଇ ନ ଥିଲା। ସାଲୋନ୍‌ରେ ପଚାରିବାରୁ ସେମାନେ କହିଲେ– ଦୁଇ ତିନିଦିନ ଅପେକ୍ଷା କରନ୍ତୁ ସବୁ ଠିକ୍ ହୋଇଯିବ। ହେଲେ ଭଲ ହେବ କ'ଣ, ଶେଷରେ କୁକୁରଟିର କାନ ଆପେ ଛିଣ୍ଡିଗଲା। ଏବେ ସେ ନିଜକୁ ଏହି ଘଟଣା ପାଇଁ ଦୋଷ ଦେଉଛନ୍ତି। ସୋସିଆଲ ମିଡିଆରେ ବି ତାଙ୍କୁ ଦାୟିତ୍ୱହୀନ ଓ ଦୟାହୀନ ବୋଲି କୁହାଯାଉଛି।

## କାର୍ଟୁନ କର୍ନର



# ‘ଅସଲ କଳାକାର ଚରିତ୍ର ଦେଖେନା’

‘ଯିଏ ଅସଲ କଳାକାର ସେ କେବେ ଚରିତ୍ର ଦେଖେନା। କିମ୍ବା କୌଣସି ନିର୍ଦ୍ଦିଷ୍ଟ ଚରିତ୍ର ଭିତରେ ବାନ୍ଧିହୋଇ ରହେନା। ସେ ସବୁ ଚରିତ୍ର ଭିତରେ ପଶେ। ଆଉ ସବୁ ଚରିତ୍ରକୁ ଆଣି ତା’ ଭିତରେ ସମାହିତ କରିଦିଏ।’ ଏମିତି କଥା କହନ୍ତି ବର୍ଷିଆନ୍ ଚରିତ୍ର ଅଭିନେତା ବିରଞ୍ଚି ନାରାୟଣ ଦାଶ। ସମ୍ପ୍ରତି କଳିଙ୍ଗ ଗଣନାଟ୍ୟରେ ନିଜର ପ୍ରତିଭା ପ୍ରଦର୍ଶନ କରିଚାଲିଥିବା ଏହି କଳାକାରଙ୍କ ଜନ୍ମ ଯାଜପୁର ଜିଲାରେ। ପିଲାଟି ବେଳୁ କଳା ପ୍ରତି ଦୁର୍ବଳତା ଥିଲା। ୧୯୯୨ରେ ସେ ପ୍ରଥମେ ଆସିଲେ ଯାତ୍ରା ଜଗତକୁ। ସେତେବେଳର ବହୁ ଲୋକପ୍ରିୟ ଯାତ୍ରାନୁଷ୍ଠାନ ଉତ୍ତରକୁଳରେ ଯୋଗଦେଲେ। ଏହି ଅନୁଷ୍ଠାନରେ ତାଙ୍କ ଦ୍ୱାରା ଅଭିନୀତ ନାଟକଗୁଡ଼ିକ ମଧ୍ୟରେ ଥିଲା ‘ଖଜୁରି ଗଛର କି ଗୁଣ ଗାଇବି’, ‘ବାପର ଚଉକା ପୁଅର ଛକା’, ‘ପ୍ରଭାସ ଯଜ୍ଞ’ ଇତ୍ୟାଦି। ପ୍ରଥମରୁ ନାୟକ ଭୂମିକାରେ ଅଭିନୟ କରୁଥିଲେ ବିରଞ୍ଚି। ତେବେ ନିର୍ଦ୍ଦେଶକ କିଶୋର ଖଣ୍ଡୁଆଳ ତାଙ୍କ ଅଭିନୟରେ ପରିବର୍ତ୍ତନ ଆଣିଲେ। ‘ଆଳି ଭାଗବତ ନିଆଳି ଗୀତା’ ତାଙ୍କୁ ଏମିତି ଏକ ଚରିତ୍ର ପାଇଁ ବାଛିଲେ ଯେଉଁଥିରେ ନାୟକ, ଖଳନାୟକ ପୁଣି ବାପା ଭୂମିକାରେ ଅବତୀର୍ଣ୍ଣ ହେବାକୁ ପଡ଼ିଲା। ଏହି ନାଟକରେ ଅଭିନୟ କରିବା ପରେ ବିରଞ୍ଚି ନାରାୟଣ ଦାଶ ଯେ ଜଣେ ଅଲ୍ ରାଉଣ୍ଡର ଅଭିନେତା ସେକଥା ପ୍ରତ୍ୟେକ ଯାତ୍ରା ନିର୍ଦ୍ଦେଶକ ଜାଣିଗଲେ। ତେବେ ନିର୍ଦ୍ଦେଶକମାନେ ତାଙ୍କୁ ପ୍ରାୟତଃ ନେଗେଟିଭ୍ ଭୂମିକା ପାଇଁ ପସନ୍ଦ କରୁଥିଲେ। ଆଉ ତାହାକୁ ବିନାଦ୍ୱିଧାରେ ପାଳନ କରୁଥିଲେ ବିରଞ୍ଚି। ହେଲେ ଏହି ଟ୍ରେଣ୍ଡକୁ ବଦଳେଇଦେଲେ ସ୍ୱର୍ଗତ ନାଟ୍ୟକାର ଅନନ୍ତ ଓ ଝ। । ସେ ତାଙ୍କ ଦେହରେ ବାପା କଳାକାରର ଛାପ ଲଗେଇଦେଲେ। ବିରଞ୍ଚି କହନ୍ତି, ସେଇ ବାପାର ଛାପ ଲାଗିଛି ଯେ, ତାକୁ ଛାଡ଼ି ପାରୁନି। ଦୀର୍ଘବର୍ଷର ଯାତ୍ରା କ୍ୟାରିଅର ମଧ୍ୟରେ ବିରଞ୍ଚି ବହୁ ସଫଳ ନାଟକରେ ଅଭିନୟ କରିଛନ୍ତି। ସେଥିମଧ୍ୟରୁ କେତୋଟି ହେଉଛି : ‘ଚାରିଛକର ମଣିଷ’, ‘ନିଆଁ’, ‘ଅଲକ୍ଷଣୀ’, ‘କହି ହଉନି କି ସହି ହଉନି’, ‘ଅସୁସ୍ଥ ପୃଥିବୀ’, ‘ସଉତୁଣୀ’, ‘ନିଝୁମ୍ ରାତିର ସାଥୀ’, ‘ଅର୍ଡର ହେଇଛି ମର୍ଡର ପାଇଁ’, ଜୟ ହୋ ଏବଂ ଆହୁରି ଅନେକ। ଯାତ୍ରାକୁ ନିଜ ଜୀବନର ଏକ ପବିତ୍ର କର୍ମ ବୋଲି ମନେକରନ୍ତି ବିରଞ୍ଚି। ତାଙ୍କ ମତରେ ଯାତ୍ରା ଓ ସେ ଏକାକାର ହୋଇଯାଇଛନ୍ତି। ସେ ଚେଷ୍ଟାକଲେ ବି ଯାତ୍ରାକୁ ଛାଡ଼ିପାରିବେନି। ଯଦି କେହି ସରକାରୀ ଚାକିରି ବଦଳରେ ଯାତ୍ରା ଛାଡ଼ିବାକୁ କହେ ତା’ହେଲେ ବି ସମ୍ଭବ ନୁହେଁ। ସମ୍ପ୍ରତି ଯାତ୍ରା ଏକ ଘଡ଼ିସନ୍ଧି ସମୟ ଦେଇ ଗତି କରୁଛି। ଅପସଂସ୍କୃତିର ପ୍ରବେଶ ଘଟି ପବିତ୍ର କଳାକୁ ଅପବିତ୍ର କରି ସାରିଲାଣି। ଏ ସମ୍ପର୍କରେ ଉତ୍ତର ଦେଇ ବିରଞ୍ଚି କହନ୍ତି, ଦର୍ଶକ ଭଗବାନ ଚାହିଁଲେ ପୁଣି ଥରେ ଯାତ୍ରା ଭଳି ଏକ ସଂସ୍କୃତିର ପୁନରୁଦ୍ଧାର କରିପାରିବେ। ସେତିକିନୁହେଁ ଯାତ୍ରା ଏବେ ପଥଭ୍ରଷ୍ଟ। ସେକାଳ ଯାତ୍ରା ଆଉ ନାହିଁ। ସେଭଳି ନାଟକ ନାହିଁ କି ସେଭଳି କଳାକାର ନାହାନ୍ତି। କେବଳ ବିଧାମାରି ପଣସ ପଚେଇବା ଭଳି ଆଜିର ଯାତ୍ରା। ଏହାକୁ କେବଳ ଦର୍ଶକ ଭଗବାନ ଭରସା।


ବିରଞ୍ଚି ନାରାୟଣ ଦାଶ



# ଲିଲି ଦାଶ

ଓଡ଼ିଆ ଯାତ୍ରା ଜଗତର ନାରୀ ନାଟ୍ୟକାରଙ୍କ ମଧ୍ୟରେ ଲିଲି ଦାଶ ଅନ୍ୟତମ। ଆଗରୁ ଗାଁ ଡ୍ରାମା ପାଇଁ ନାଟକ ଲେଖୁଥିଲେ ମଧ୍ୟ ୨୦୦୬ରେ ତାଙ୍କୁ ଯଲିଉଡ୍‌ରେ ପ୍ରଥମ ସ୍ୱୀକୃତି ମିଳେ। ଏହି ବର୍ଷ ତାଙ୍କ ରଚିତ ନାଟକ ‘ବଡ଼ ଭାଉଜଙ୍କ ସାନ ଭଉଣୀ’ ‘ପଞ୍ଚସଖା ଗଣନାଟ୍ୟ’ ଦ୍ୱାରା ମଞ୍ଚସ୍ଥ ହୁଏ। ଏହି ନାଟକର ନିର୍ଦ୍ଦେଶନା ଦିଅନ୍ତି ମୁକ୍ତିକାନ୍ତ ନାୟକ। ବାସ୍ତବରେ ଏହି ସୁଯୋଗ ମିଳିବା ପଛରେ ଥିବା ଘଟଣାଟି ଏହିପରି : ଗ୍ରାମକୁ ଯାତ୍ରା ପାର୍ଟି ଆସେ। ଲିଲିଙ୍କ ଶ୍ୱଶୁର ଗୋପୀନାଥ ଦାଶଙ୍କ ସହିତ ନିର୍ଦ୍ଦେଶକ ସୀତାକାନ୍ତ ମହାନ୍ତିଙ୍କ ପରିଚୟ ଥାଏ। ବୋହୂ ଲିଲିଙ୍କ ଦ୍ୱାରା ରଚିତ ଏକ ନାଟକର ପାଣ୍ଡୁଲିପିକୁ ଗୋପୀନାଥବାବୁ ନେଇ ସୀତାକାନ୍ତବାବୁଙ୍କୁ ଦେଖାନ୍ତି। ସୀତାକାନ୍ତବାବୁ ପାଣ୍ଡୁଲିପିଟିକୁ ପଢ଼ି କହନ୍ତି, ହଁ, ଏହା ମଞ୍ଚସ୍ଥ ହୋଇପାରିବ। ଏହାପରେ ଯୋଗାଯୋଗ ଚାଲେ। ତାରିଣୀ ଗଣନାଟ୍ୟର ପ୍ରୋପ୍ରାଇଟର କ୍ଷୀରୋଦ ଦାଶ ଲେଖାରେ ଲିଲିଙ୍କର ପୁତୁରା ହେବେ। ସେ ନେଇ ମୁକ୍ତିକାନ୍ତବାବୁଙ୍କୁ ନାଟକର ପାଣ୍ଡୁଲିପି ଦିଅନ୍ତି। ବାସ୍, ତା’ପରେ ପଞ୍ଚସଖା ଗଣନାଟ୍ୟ ମଞ୍ଚସ୍ଥ କରେ ‘ବଡ଼ ଭାଉଜଙ୍କ ସାନ ଭଉଣୀ’। ଇତିମଧ୍ୟରେ ଲିଲି ଦାଶଙ୍କର ଅନେକ ନାଟକ ବହୁ ପେସାଦାର ଯାତ୍ରା ଅନୁଷ୍ଠାନରେ ମଞ୍ଚସ୍ଥ ହୋଇ ଲୋକପ୍ରିୟତା ଅର୍ଜନ କରିଛି। ସେଥିମଧ୍ୟରୁ ‘ଝରଣା ଖୋଜୁଛି ନିଜ ଠିକଣା’, ‘ଜୀବନ ଡଙ୍ଗା’, ‘ଏ ଚୁପ୍ କୋର୍ଟ ଚାଲିଛି’, ‘କେମିତି କହିବି କିଏ ନିଜର’, ‘ହେ ଈଶ୍ୱର ନମସ୍କାର’, ‘ପ୍ରେମ ନଗରୀରେ ପ୍ରୀତି ବଜାର’, ‘ରାଜଧାନୀ ଝିଅ ରାଜନନ୍ଦିନୀ’, ‘ରଙ୍ଗିଲା ରାଧିକା ରଜନୀଗନ୍ଧା’, ‘ଏ ରଜନୀ ତୁ କାହାର ସଜନୀ’ ଏବଂ ଆହୁରି ଅନେକ। ଶ୍ୱଶୁର ତଥା ଶାଶୁ ମାନସୀ ଦାଶଙ୍କ ପ୍ରେରଣାରେ ଗୋଟିଏ ପରେ ଗୋଟିଏ ପାହାଚ ଚଢ଼ି ଚାଲୁଥିବା ଲିଲି ଦାଶଙ୍କର ଚଳିତ ବର୍ଷ ରହିଛି ଦୁଇଖଣ୍ଡ ନାଟକ। ସେ ଆଶୁତୋଷ ମହାପାତ୍ରଙ୍କ ନିର୍ଦ୍ଦେଶନାରେ କଳିଙ୍ଗ ଗଣନାଟ୍ୟ ପାଇଁ ‘ସ୍ୱାମୀ ଆସିଥିଲା ରାତିକ ପାଇଁ’ ଏବଂ ଗୌରୀ ଗଣନାଟ୍ୟ ଲାଗି ‘ବ୍ରହ୍ମଅସ୍ତ୍ର’ ନାଟକ ରଚନା କରିଛନ୍ତି।

# ସତସତିକା ନରସିଂହ

ପୌରାଣିକ କଥା ପରି ଲାଗୁଥିଲେ ମଧ୍ୟ ବାସ୍ତବ ଜୀବନରେ ଏମିତି ଜଣେ ମଣିଷ ହେଉଛନ୍ତି ଷ୍ଟିଫାନ୍ ବିବ୍ରୋସ୍କି, ଯାହାଙ୍କ ମୁହଁ ଦେଖିବାକୁ ଠିକ୍ ସିଂହ ଭଳି ଥିଲା। ସେ ଥିଲେ ଜଣେ ବିଖ୍ୟାତ ସାଇଡ୍‌ସୋ ପରଫର୍ମର। ତାଙ୍କର ସମଗ୍ର ଶରୀର ଲମ୍ବାଲମ୍ବା କେଶରେ ପୂର୍ଣ୍ଣ ହୋଇଥିବା ହେତୁ ତାଙ୍କୁ ଲାୟନ୍-ଫେସ୍‌ଡ ମ୍ୟାନ୍ ବୋଲି ମଧ୍ୟ କୁହାଯାଉଥିଲା। ୧୮୯୦ରେ ପୋଲାଣ୍ଡରେ ଜନ୍ମ ହୋଇଥିବା ବିବ୍ରୋସ୍କିଙ୍କ ବାପାଙ୍କ ନାମ ମାଇକେଲ୍ ଥିବା ବେଳେ ମା’ଙ୍କ ନାମ ଥିଲା ବେନେଡିକ୍ଟ। ସେ ହାଇପରଟ୍ରିକୋସିସ୍ ନାମକ ଏକ ଅତି ବିରଳ ରୋଗ ଦ୍ୱାରା ଆକ୍ରାନ୍ତ ହୋଇଥିବା ହେତୁ ତାଙ୍କ ଦେହରେ ଓ ମୁହଁରେ ଲୋମ ସବୁ ବଢୁଥିଲା ବୋଲି ଡାକ୍ତରମାନେ କହିଥିଲେ। ଏହି ବ୍ୟକ୍ତିଙ୍କର ୧୯୩୨ରେ ହୃଦ୍‌ଘାତରେ ପରଲୋକ ଘଟିଥିଲା।











# ଷଣ୍ଢ ଭାବୁଛି ନିଜକୁ ଘୋଡ଼ା

ଏହା ଏକ ୧.୩ ଟନ୍‌ର ଷଣ୍ଢ। ହେଲେ ତା' ଭିତରେ ଭରିରହିଛି ଜୋସ୍। ସେ ଦୌଡ଼େ, ଏମିତିକି ଘୋଡ଼ାଙ୍କ ପରି ଶୋ' ଜମ୍ପ୍ ବି କରେ। ତା'ର ମାଲିକ ତା' ଉପରେ ବସି ତାକୁ ଘୋଡ଼ା ପରି ବି ଦୌଡ଼ାଇ ଥାଆନ୍ତି। ଅନେକେ ତ ତାକୁ ଷଣ୍ଢ ନୁହେଁ, ଘୋଡ଼ା ବୋଲି କହନ୍ତି। ଖାଲି ଅନ୍ୟମାନେ ନୁହେଁ, ଷଣ୍ଢଟି ବି ନିଜକୁ ଘୋଡ଼ା ବୋଲି ଭାବେ। ଘୋଡ଼ାଙ୍କ ସହ ସମୟ ବିତାଏ ଓ ତାଙ୍କ ଭଳି ବ୍ୟବହାର କରେ। ତେବେ ଫ୍ରାନ୍ସର ଏହି ଷଣ୍ଢଟି ଏଭଳି ହେବା ପଛରେ ରହିଛି ଏକ ରୋଚକ କଥା। ଫ୍ରାନ୍ସ, ଷ୍ଟାର୍‌ସବର୍ଗର ସବିନେ ରୁଆସ୍ ହେଉଛନ୍ତି ଏହି ଷଣ୍ଢର ମାଲିକ। ସେ ଘୋଡ଼ାଙ୍କୁ ତାଲିମ ପ୍ରଦାନ କରନ୍ତି। ୫ ବର୍ଷ ତଳେ ସେ ତାଙ୍କର ଏକ ଅତି ପ୍ରିୟ ଘୋଡ଼ା, ଯାହା ସହ ୨୦ ବର୍ଷ ବିତାଇଥିଲେ ହଜିଗଲା। ପରେ ସେ ଅନ୍ୟ କୌଣସି ଘୋଡ଼ା ସହ ଏତେ ନିକଟତର ହୋଇପାରିଲେ ନାହିଁ। ଆଉ ନିକଟସ୍ଥ ଏକ ଫାର୍ମର ଗାଈମାନଙ୍କ ସହ ସମୟ ବିତାଇବାକୁ ଲାଗିଲେ। ସେହି ସମୟରେ ସେଠାରେ ଏକ ଗାଈ ଗର୍ଭିଣୀ ଥିଲା। କିଛି ମାସ ପରେ ଗାଈଟି ଏକ ଷଣ୍ଢକୁ ଜନ୍ମ ଦେଲା। ଜନ୍ମ ହେବାପରଠାରୁ ଷଣ୍ଢ ଛୁଆଟି ସବିନେଙ୍କ ପଛେ ପଛେ ଗୋଡ଼ାଇଲା। ଫାର୍ମର ମାଲିକ କିନ୍ତୁ ଷଣ୍ଢ ଛୁଆଟିକୁ ରଖିବାକୁ ଚାହୁଁ ନ ଥିଲେ। ତାକୁ କଂସେଇଖାନାରେ ଦେବାକୁ ଚାହୁଁଥିଲେ। ହେଲେ ସବିନେ ଏହା ହେବାକୁ ଦେଲେନି। ସେ ଷଣ୍ଢ ଛୁଆ ଓ ତା'ର ମା'କୁ ପୋଷ୍ୟଭାବେ ଗ୍ରହଣକରି ନିଜ ଘୋଡ଼ାଶାଳକୁ ଆଣିଲେ। ଷଣ୍ଢ ଛୁଆର ନାଁ ଦେଲେ ଆଷ୍ଟୋନ୍। ସେହି ସମୟରେ ସେ ଏକ ଘୋଡ଼ାଛୁଆ ଆଣିଥିଲେ। ସାମି ନାମକ ଏହି ଘୋଡ଼ାଛୁଆକୁ ସେ ତାଲିମ ପ୍ରଦାନ କରିବା ଆରମ୍ଭ କରିଥିଲେ। ସାମି ଓ ଆଷ୍ଟୋନ୍ ଦୁହେଁ ଖୁବ୍ ନିକଟତର ହୋଇଗଲେ। ଆଉ ଆଶ୍ଚର୍ଯ୍ୟର କଥା, ସାମିକୁ ଦିଆଯାଉଥିବା ତାଲିମରୁ କିଛି ଟ୍ରିକ୍ ଆଷ୍ଟୋନ୍ ବି ଶିଖିନେଲା। ବଡ଼ ହେବାସହ ସାମିକୁ ଦିଆଯାଉଥିବା ଅନେକ ଟ୍ରିକ୍ ଆଷ୍ଟୋନ୍ ଶିଖିଗଲା ଓ ଘୋଡ଼ା ପରି ବ୍ୟବହାର କରିବାକୁ ଲାଗିଲା। ଏହା ଦେଖିବା ପରେ ସବିନେ ବି ତା' ଉପରେ ବସି ତାକୁ ଦୌଡ଼ାଇବାକୁ ଚେଷ୍ଟାକଲେ। ପ୍ରାୟ ୧ ବର୍ଷର ପରିଶ୍ରମ ଓ ଚେଷ୍ଟା ପରେ ସେ ଆଷ୍ଟୋନ୍ ଉପରେ ଭଲଭାବେ ବସି ତାକୁ ଦୌଡ଼ାଇବାରେ ସକ୍ଷମ ହେଲେ। ବର୍ତ୍ତମାନ ଆଷ୍ଟୋନ୍ ଘୋଡ଼ାଙ୍କ ଭଳି ଜମ୍ପ ଶୋ' ବି କରିପାରୁଛି। ୟୁରୋପର ବିଭିନ୍ନ ଜମ୍ପ ଶୋ'କାର୍ଯ୍ୟକ୍ରମକୁ ଦୁହେଁ ଯାଉଛନ୍ତି ଓ ଅଂଶ ଗ୍ରହଣ କରୁଛନ୍ତି।

# ଗଛରେ ଲାଇବ୍ରେରି

ବହିକୁ ଭଲ ପାଉଥିବା ବ୍ୟକ୍ତିଙ୍କ ପାଇଁ ଲାଇବ୍ରେରି ଅତି ପ୍ରିୟ ସ୍ଥାନଟିଏ। ତେବେ ଏମିତି କିଛି ଅଜବ ଲାଇବ୍ରେରି ଅଛି, ଯାହା କେବଳ ପୁସ୍ତକପ୍ରେମୀଙ୍କୁ ନୁହେଁ, ସମସ୍ତଙ୍କୁ ଆକୃଷ୍ଟ କରିଥାଏ। ଯେମିତିକି ଇଦାହୋର କୋଇଉର୍ ଡାଅଲେନେରେ ଥିବା ଏକ ଲାଇବ୍ରେରି, ଯାହା ତିଆରି ହୋଇଛି ୧୧୦ବର୍ଷର ଏକ ଗଛରେ। ଶାର୍‌ଲେ ଏମିଟେଜ୍ ହାୱର୍ଡ ଏହି ଗଛକୁ ଖୋଦେଇକରି ଲାଇବ୍ରେରିଟି ତିଆରି କରାଇଛନ୍ତି। ଶାର୍‌ଲେ 'ଲିଟିଲ୍ ଫ୍ରି ଲାଇବ୍ରେରି' ନାମକ ସଂସ୍ଥାର ସାହାଯ୍ୟ ନେଇ ଘର ସାମ୍ନାରେ ଥିବା ପୁରୁଣା ଗଛ, ଯାହାକି ପଚି ନଷ୍ଟହେବାକୁ ଲାଗିଥିଲା ତାହାକୁ ଲାଇବ୍ରେରିର ରୂପଦେବାକୁ ଚାହିଁଥିଲେ। ସେମାନେ ଗଛର ଗଣ୍ଡିକୁ କାଟି ଆଲମିରାର ରୂପ ଦେଲେ। ତା' ଭିତରେ କିଛି ଏଲ୍ଇଡି ଲାଇଟ୍ ଓ ବାହାରେ ବଲ୍ବ ଲଗାଇଲେ। ଗଣ୍ଡିର ଉପରଭାଗରେ ଛାତ ତିଆରି କଲେ। ଭଲ କାରିଗରି ହୋଇଥିବା କବାଟ ଲଗାଇଲେ। ଲାଇବ୍ରେରି ନିକଟକୁ ପହଞ୍ଚିବା ପାଇଁ ପାହାଚ କରାଯାଇଛି। ଏହି ଲାଇବ୍ରେରିରୁ ମାଗଣାରେ ବହି ନେଇ ପଢ଼ିହେବ। ଗଛରେ ତିଆରି ହୋଇଥିବାରୁ ଏହା ମଧ୍ୟରେ ବସି ପଢ଼ିବାକୁ ଜାଗା ନାହିଁ। ତଥାପି ଏହା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରୁଛି।





